# କଟକ ମହାନଗର ନିଗମ ୩୨ତମ ସାଧାରଣ ବୈଠକ ବିବରଣୀ

**ତା. ୩୧.୦୧.୨୦୧୮ ରିଖ , ସମୟ : ପୂର୍ବାହ୍ନ - ୧୧.୦୦ ଘଟିକା,**
**ସ୍ଥାନ : ବିଶ୍ୱନାଥ ପଣ୍ଡିତ ସମ୍ମିଳନୀ କକ୍ଷ**

ଅଦ୍ୟ ତା ୩୧.୦୧.୨୦୧୮ ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ କଟକ ମହାନଗର ନିଗମର ୩୨ତମ ସାଧାରଣ ଅଧିବେଶନ ନିଗମ ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ନିଗମର ମାନ୍ୟବର ମେୟର ଶ୍ରୀଯୁକ୍ତା ମୀନାକ୍ଷୀ ବେହେରା ସଭାପତିତ୍ୱ କରିଥିଲେ ।

## ଉପସ୍ଥିତ ସଭ୍ୟ / ସଭ୍ୟା

**ସର୍ବଶ୍ରୀ**

| | | |
|---|---|---|
| ୧. | ଶ୍ରୀଯୁକ୍ତ ଅଜୟ କୁମାର ବାରିକ, | ଡେପୁଟି ମେୟର, ୱାର୍ଡ଼ ନଂ-୩୭ |
| ୨. | ଶ୍ରୀଯୁକ୍ତ ଚିତ ରଞ୍ଜନ ଦାସ | କର୍ପୋରେଟର, ୱାର୍ଡ଼ ନଂ. – ୦୧ |
| ୩. | ସୁଶ୍ରୀ ଇତିଶ୍ରୀ ବେହେରା, | କର୍ପୋରେଟର, ୱାର୍ଡ଼ ନଂ. – ୦୨ |
| ୪. | ସୁଶ୍ରୀ ସେବତୀ ମାଝି | କର୍ପୋରେଟର, ୱାର୍ଡ଼ ନଂ. – ୦୩ |
| ୫. | ଶ୍ରୀଯୁକ୍ତା ଗିରିବାଳା ବେହେରା | କର୍ପୋରେଟର, ୱାର୍ଡ଼ ନଂ. – ୦୪ |
| ୬. | ଶ୍ରୀଯୁକ୍ତା ସୁପ୍ରିୟା ରାଉତ | କର୍ପୋରେଟର, ୱାର୍ଡ଼ ନଂ. – ୦୫ |
| ୭. | ଶ୍ରୀଯୁକ୍ତା ସଞ୍ଜୁକ୍ତା ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୦୬ |
| ୮. | ସୁଶ୍ରୀ ରଞ୍ଜିତା ବିଶ୍ୱାଳ | କର୍ପୋରେଟର, ୱାର୍ଡ଼ ନଂ. – ୦୭ |
| ୯. | ଶ୍ରୀଯୁକ୍ତା ନମିତା ବାରିକ, | କର୍ପୋରେଟର, ୱାର୍ଡ଼ ନଂ. – ୦୮ |
| ୧୦. | ଶ୍ରୀଯୁକ୍ତ ବିକାଶ ରଞ୍ଜନ ବେହେରା | କର୍ପୋରେଟର, ୱାର୍ଡ଼ ନଂ. – ୦୯ |
| ୧୧. | ଶ୍ରୀଯୁକ୍ତ ଜ୍ଞାନ ରଞ୍ଜନ ସାଇଁ | କର୍ପୋରେଟର, ୱାର୍ଡ଼ ନଂ. – ୧୦ |
| ୧୨. | ଶ୍ରୀଯୁକ୍ତ ଶିବ ପ୍ରସାଦ ଦଳାଇ, | କର୍ପୋରେଟର, ୱାର୍ଡ଼ ନଂ. – ୧୨ |
| ୧୩. | ସୁଶ୍ରୀ ପଦ୍ମା ଭୂୟାଁ | କର୍ପୋରେଟର, ୱାର୍ଡ଼ ନଂ. – ୧୩ |
| ୧୪. | ଶ୍ରୀଯୁକ୍ତା ଅଞ୍ଜୁଶ୍ରୀ ଜେନା | କର୍ପୋରେଟର, ୱାର୍ଡ଼ ନଂ. – ୧୪ |
| ୧୫. | ଶ୍ରୀଯୁକ୍ତା ଉଷାରାଣୀ ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୧୫ |
| ୧୬. | ଶ୍ରୀଯୁକ୍ତ ରମଜାନ ଖାନ | କର୍ପୋରେଟର, ୱାର୍ଡ଼ ନଂ. – ୧୬ |
| ୧୭. | ଶ୍ରୀଯୁକ୍ତା ଏ. ଶ୍ରୀଦେବୀ | କର୍ପୋରେଟର, ୱାର୍ଡ଼ ନଂ. – ୧୭ |
| ୧୮. | ଶ୍ରୀଯୁକ୍ତ ଅରୁଣ କୁମାର ସେଠୀ | କର୍ପୋରେଟର, ୱାର୍ଡ଼ ନଂ. – ୧୮ |
| ୧୯. | ସୁଶ୍ରୀ ଚାରୁଲତା ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୧୯ |
| ୨୦. | ଶ୍ରୀଯୁକ୍ତ ଅଜୟ ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୨୦ |
| ୨୧. | ସୁଶ୍ରୀ ଗୌରୀ ଦାସ | କର୍ପୋରେଟର, ୱାର୍ଡ଼ ନଂ. – ୨୧ |
| ୨୨. | ଶ୍ରୀଯୁକ୍ତା ଅନିତା ନାୟକ | କର୍ପୋରେଟର, ୱାର୍ଡ଼ ନଂ. – ୨୨ |
| ୨୩. | ଶ୍ରୀଯୁକ୍ତ ସେକ୍ ସମିମ୍ ଉଲ୍ଲା | କର୍ପୋରେଟର, ୱାର୍ଡ଼ ନଂ. – ୨୩ |
| ୨୪. | ଶ୍ରୀଯୁକ୍ତ ରଞ୍ଜନ କୁମାର ବିଶ୍ୱାଳ | କର୍ପୋରେଟର, ୱାର୍ଡ଼ ନଂ. – ୨୪ |
| ୨୫. | ଶ୍ରୀଯୁକ୍ତା କାଂଚନ ଦାସ | କର୍ପୋରେଟର, ୱାର୍ଡ଼ ନଂ. – ୨୬ |
| ୨୬. | ଶ୍ରୀଯୁକ୍ତା ଇତିଶ୍ରୀ ଦାସ, | କର୍ପୋରେଟର, ୱାର୍ଡ଼ ନଂ. – ୨୭ |
| ୨୭. | ଶ୍ରୀଯୁକ୍ତା ବୈଶାଳୀ ବେହେରା | କର୍ପୋରେଟର, ୱାର୍ଡ଼ ନଂ. – ୨୮ |
| ୨୮. | ଶ୍ରୀଯୁକ୍ତା ମଞ୍ଜୁଲତା ପୃଷ୍ଟି, | କର୍ପୋରେଟର, ୱାର୍ଡ଼ ନଂ. –୨୯ |

| | |
|---|---|
| ୨୯. ସୁଶ୍ରୀ ନମିତା ଦାସ, | କର୍ପୋରେଟର, ୱାର୍ଡ୍ ନଂ. – ୩୦ |
| ୩୦. ଶ୍ରୀଯୁକ୍ତ ବିଜୟ କୁମାର ସାହୁ | କର୍ପୋରେଟର, ୱାର୍ଡ୍ ନଂ. – ୩୧ |
| ୩୧. ଶ୍ରୀଯୁକ୍ତ ମନୋଜ କୁମାର ସେଠୀ, | କର୍ପୋରେଟର, ୱାର୍ଡ୍ ନଂ. – ୩୩ |
| ୩୨. ଶ୍ରୀଯୁକ୍ତା ନମିତା ମଞ୍ଜରୀ ସାହୁ | କର୍ପୋରେଟର, ୱାର୍ଡ୍ ନଂ. – ୩୪ |
| ୩୩. ଶ୍ରୀଯୁକ୍ତା ଦିପାଳୀବାଳା ଭୂୟାଁ | କର୍ପୋରେଟର, ୱାର୍ଡ୍ ନଂ. – ୩୫ |
| ୩୪. ଶ୍ରୀଯୁକ୍ତ ଧର୍ମାନନ୍ଦ ପାତ୍ର | କର୍ପୋରେଟର, ୱାର୍ଡ୍ ନଂ. – ୩୭ |
| ୩୫. ଶ୍ରୀଯୁକ୍ତ ଅନିଲ ନିଳାଦ୍ରୀ , | କର୍ପୋରେଟର, ୱାର୍ଡ୍ ନଂ. – ୩୮ |
| ୩୬. ଶ୍ରୀଯୁକ୍ତା ସୁଲୋଚନା ସେଠୀ | କର୍ପୋରେଟର, ୱାର୍ଡ୍ ନଂ. – ୩୯ |
| ୩୭. ଶ୍ରୀଯୁକ୍ତ ଜୟଦେବ ଜେନା, | କର୍ପୋରେଟର, ୱାର୍ଡ୍ ନଂ. – ୪୦ |
| ୩୮. ଶ୍ରୀଯୁକ୍ତ ଚିରଂଜୟ ସାହୁ | କର୍ପୋରେଟର, ୱାର୍ଡ୍ ନଂ. – ୪୨ |
| ୩୯. ସୁଶ୍ରୀ ପ୍ରମିଳା ମହାନ୍ତି | କର୍ପୋରେଟର, ୱାର୍ଡ୍ ନଂ. – ୪୩ |
| ୪୦. ଶ୍ରୀଯୁକ୍ତା ଚିତ୍ରା ଖୁଣ୍ଟିଆ | କର୍ପୋରେଟର, ୱାର୍ଡ୍ ନଂ. – ୪୪ |
| ୪୧. ଶ୍ରୀଯୁକ୍ତା ପ୍ରଜ୍ଞା ବେଉରା, | କର୍ପୋରେଟର, ୱାର୍ଡ୍ ନଂ. – ୪୬ |
| ୪୨. ଶ୍ରୀଯୁକ୍ତା କବିତା ଖଣ୍ଡାୟୀ, | କର୍ପୋରେଟର, ୱାର୍ଡ୍ ନଂ. – ୪୭ |
| ୪୩. ଶ୍ରୀଯୁକ୍ତ ଦୟାନିଧି ନାୟକ, | କର୍ପୋରେଟର, ୱାର୍ଡ୍ ନଂ. – ୪୯ |
| ୪୪. ଶ୍ରୀଯୁକ୍ତା ଦିପ୍ତି ପ୍ରଜ୍ଞା ମହାନ୍ତି, | କର୍ପୋରେଟର, ୱାର୍ଡ୍ ନଂ. – ୫୦ |
| ୪୫. ଶ୍ରୀମତୀ ମମତା ବେହେରା | କର୍ପୋରେଟର, ୱାର୍ଡ୍ ନଂ. – ୫୧ |
| ୪୬. ଶ୍ରୀଯୁକ୍ତ ହୃଷିକେଷ ପ୍ରଧାନ, | କର୍ପୋରେଟର, ୱାର୍ଡ୍ ନଂ. – ୫୨ |
| ୪୭. ଶ୍ରୀଯୁକ୍ତ ପ୍ରଦୀପ କୁମାର ସାମନ୍ତରାୟ | କର୍ପୋରେଟର, ୱାର୍ଡ୍ ନଂ. – ୫୩ |
| ୪୮. ଶ୍ରୀଯୁକ୍ତା ସୁରେଖା ସାମନ୍ତରାୟ | କର୍ପୋରେଟର, ୱାର୍ଡ୍ ନଂ. – ୫୪ |
| ୪୯. ଶ୍ରୀଯୁକ୍ତ ସଂଜୟ କୁମାର ବରାଳ, | କର୍ପୋରେଟର, ୱାର୍ଡ୍ ନଂ. – ୫୬ |
| ୫୦. ଶ୍ରୀଯୁକ୍ତ ଲଳିତ ଶେଖର ନାୟକ, | କର୍ପୋରେଟର, ୱାର୍ଡ୍ ନଂ. – ୫୭ |
| ୫୧. ଶ୍ରୀଯୁକ୍ତ ପ୍ରମୋଦ କୁମାର ମହାପାତ୍ର | କର୍ପୋରେଟର, ୱାର୍ଡ୍ ନଂ. – ୫୯ |

## ଉପସ୍ଥିତ ପଦାଧିକାରୀ

| | |
|---|---|
| ୧. ଶ୍ରୀଯୁକ୍ତ ବିକାଶ ଚନ୍ଦ୍ର ମହାପାତ୍ର | ଆୟୁକ୍ତ |
| ୨. ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ସାଏ | ଅତିରିକ୍ତ ଆୟୁକ୍ତ-୧ |
| ୩. ଶ୍ରୀଯୁକ୍ତ ରାଧାକୃଷ୍ଣ ରାଉତ | ଉପ ଆୟୁକ୍ତ-୧ |
| ୪. ଶ୍ରୀଯୁକ୍ତ ମନୋଜ କୁମାର ବେହେରା | ଉପ ଆୟୁକ୍ତ-୩ |
| ୫. ଶ୍ରୀଯୁକ୍ତା ନିରୁପମା ସାଇଁ | ଉପ ଆୟୁକ୍ତ-୨ |
| ୬. ଶ୍ରୀଯୁକ୍ତ ଉମାକାନ୍ତ ଗଡ଼ନାୟକ | ନଗର ଯନ୍ତ୍ରୀ |
| ୭. ଡ଼ଃ ମାନସ ରଂଜନ ସାମନ୍ତରାୟ | ନଗର ସ୍ୱାସ୍ଥ୍ୟ ଅଧିକାରୀ |
| ୮. ଶ୍ରୀଯୁକ୍ତ ରମାକାନ୍ତ ନନ୍ଦ | ବିତ ଅଧିକାରୀ |
| ୯. ଶ୍ରୀମତୀ ତିଲୋତମା ସାହୁ | ଓଏସ୍‌ଡ଼ି |

୧୦. ଶ୍ରୀଯୁକ୍ତ ମହେଶ ପ୍ରସାଦ ମିଶ୍ର — ସହକାରୀ ନିର୍ବାହୀ ଯନ୍ତ୍ରୀ
୧୧. ଶ୍ରୀଯୁକ୍ତ ଧିରେନ୍ଦ୍ର କୁମାର ପ୍ରଧାନ — ସହକାରୀ ଯନ୍ତ୍ରୀ
୧୨. ଶ୍ରୀଯୁକ୍ତ ସୁଶାନ୍ତ କୁମାର ଭୂୟାଁ — ସହକାରୀ ଯନ୍ତ୍ରୀ
୧୩. ଶ୍ରୀଯୁକ୍ତ ଶ୍ରବଣ କୁମାର ମହାନ୍ତି — ସହକାରୀ ଯନ୍ତ୍ରୀ
୧୪. ଶ୍ରୀଯୁକ୍ତ ଆଦିତ୍ୟ ନାରାୟଣ ମିଶ୍ର — କନିଷ୍ଠ ଯନ୍ତ୍ରୀ
୧୫. ଶ୍ରୀଯୁକ୍ତ ଦିଲ୍ଲିପ କୁମାର ସାହୁ — କନିଷ୍ଠ ଯନ୍ତ୍ରୀ
୧୬. ଶ୍ରୀଯୁକ୍ତ ବିପିନ ବିହାରୀ ପ୍ରଧାନ — କନିଷ୍ଠ ଯନ୍ତ୍ରୀ
୧୭. ଶ୍ରୀମତୀ ଗୀତାରାଣୀ ସାହୁ — କନିଷ୍ଠ ଯନ୍ତ୍ରୀ
୧୮. ଶ୍ରୀଯୁକ୍ତ ପ୍ରଭାସଚନ୍ଦ୍ର ବିଶ୍ୱାଳ — କନିଷ୍ଠ ଯନ୍ତ୍ରୀ
୧୯. ଶ୍ରୀଯୁକ୍ତ ମନୋଜ କୁମାର ଦେବତା — କନିଷ୍ଠ ଯନ୍ତ୍ରୀ
୨୦. ସୁଶ୍ରୀ ସାଗତିକା ମହାନ୍ତି — କନିଷ୍ଠ ଯନ୍ତ୍ରୀ (କଣ୍ଟ୍ରାକ୍ଟୁଆଲ)

ଏହି ବୈଠକରେ ଚୌଦ୍ୱାର କଟକ ବିଧାନ ସଭା ସଦସ୍ୟଙ୍କ ପ୍ରତିନିଧି ଶ୍ରୀଯୁକ୍ତ ଚୌଧୁରୀ ସୁବ୍ରତ ଘଡ଼ାଇ ଉପସ୍ଥିତ ଥିଲେ ।

ଆଲୋଚନା ଆରମ୍ଭ କରାଯିବା ପୁର୍ବରୁ ବିଜେପି କର୍ପୋରେଟରମାନେ ସହରରେ ମୌଳିକ ସେବା ଯୋଇଦେବା ଦେବାରେ ବିଫଳ, ନିଗମର ସ୍ଥାଣୁତା, ଅପରାଗତା ଓ ବ୍ୟାପକ ଦୁର୍ନୀତି କାରଣରୁ ସହରରେ ବିକାଶ ହୋଇପାରୁନାହିଁ, କୋଟି କୋଟି ଟଙ୍କା ହରିଲୁଟ, ମଶା ବୃଦ୍ଧି ଏବଂ କଲ୍ୟାଣ ମଣ୍ଡପ ଦାୟୀତ୍ୱରେ ଥିବା କେୟାର ଟେକର କୋଟି କୋଟି ଟଙ୍କା ହରିଲୁଟ କରିଥିବା ବେଳେ ତାଙ୍କ ବରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ସହିତ ବିଜେପି ଅଧିକୃତ ୱାର୍ଡ଼ ମାନଙ୍କରେ ମୌଳିକ ସେବା ଯୋଗାଇଦେବା ନିମନ୍ତେ କର୍ପୋରେଟରମାନଙ୍କୁ ସହଯୋଗ ନକରାଯିବା ଆଦି ଅଭିଯୋଗ କରି ବିଜେପି କର୍ପୋରେଟରମାନେ ବୈଠକକୁ ବର୍ଜନ କରି ସମ୍ମିଳନୀ କକ୍ଷ ସମ୍ମୁଖରେ ଧାରଣା ବସିଥିଲେ ।

ଅଧିବେଶନର ପ୍ରାରମ୍ଭରେ ମେୟର ତଥା ସଭାପତି ବୈଠକରେ ଉପସ୍ଥିତ ଥିବା ଡ଼େପୁଟି ମେୟର, କମିଶନର, ସମସ୍ତ କର୍ପୋରେଟର, ନିଗମର ସମସ୍ତ ଅଧିକାରୀମାନଙ୍କୁ ନୂତନ ବର୍ଷ-୨୦୧୮ ପାଇଁ ସମସ୍ତଙ୍କୁ ଅଭିନନ୍ଦନ ଜଣାଇବା ସହିତ ନିଗମରେ ନୂତନ ଭାବେ ଯୋଗଦେଇଥିବା ନଗର ସ୍ୱାସ୍ଥ୍ୟ ଅଧିକାରି ଶ୍ରୀଯୁକ୍ତ ମାନସ ରଂଜନ ସାମନ୍ତରାୟ ଏବଂ କନିଷ୍ଠ ଯନ୍ତ୍ରୀ ସୁବାଶ ଚନ୍ଦ୍ର ସାହୁଙ୍କ ସ୍ୱାଗତ କରିବା ପରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା ।

**ଶ୍ରୀଯୁକ୍ତା ଗିରିବାଳା ବେହେରା, କର୍ପୋରେଟର, ୱାର୍ଡ଼ ନଂ-୪ :**

❖ ଆଲୋଚନାରେ ଅଂଶ ଗ୍ରହଣ କରି ନୂତନ ବର୍ଷ-୨୦୧୮ ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଥିଲେ । ନିଗମ ବର୍ତମାନ ସରକାରୀ କାର୍ଯ୍ୟାଳୟରେ ପରିଣତ ହୋଇଗଲାଣି । ଏଠାରେ ମେୟର, ଡ଼େପୁଟି ମେୟର ଥିବା ବେଳେ ନିଗମରେ କୌଣସି କାର୍ଯ୍ୟ ହେଉନାହିଁ । କଟକର ମୁଖ୍ୟ ସମସ୍ୟା ନାଳ ନର୍ଦ୍ଦମା ସଫେଇ କରାନଯିବା ବେଳେ ମଶା ବଂଶ ପ୍ରବଳ ମାତ୍ରାରେ ବଢିଗଲାଣି । ଘରେ ବାହାରେ ସବୁଆଡ଼େ ମଶା କାମୁଡୁଛନ୍ତି । ଏଥିପାଇଁ

ସହରବାସୀ ତ୍ରାହି ତ୍ରାହି ଡ଼ାକିଲେଣୀ, ତେଣୁ  ଯଥାଶିଘ୍ର ଏହାର ପ୍ରତିକାର କରିବାକୁ ପ୍ରସ୍ତାବ ଦେଇଥିଲେ ।

❖ ନିଗମର ପ୍ରତ୍ୟେକ ଓ୍ୱାର୍ଡ଼କୁ କୁଲି ଯୋଗାଇ ଦିଆଗଲା ନାହିଁ କି ବ୍ରଶ କଟର ଯୋଗାଇ ଦିଆଯାଉନାହିଁ ଏବଂ ସଠିକ ଭାବେ ଫଗିଙ୍ଗ ବ୍ୟବହାର କରାନଯାଇନାହିଁ ନା ମଶା ଧୁଆଁ ସିଂଚନ କରାଯାଉନାହିଁ । ପେଟାନାଳକୁ ସଠିକ ଭାବେ ସଫେଇ କରାଯାଉନାହିଁ । ପେଟାନାଳ ସଫେଇ ବାବଦରେ ୧୫ ଲକ୍ଷ ଖର୍ଚ୍ଚ କରାଗଲା ହେଲେ ସଠିକ ଭାବେ ସଫେଇ କାର୍ଯ୍ୟ କରାଗଲା ନାହିଁ । ସହରର ପରିମଳ ସୁଧାର ନିମନ୍ତେ Export ମାନଙ୍କ ଠାରୁ ଆବଶ୍ୟକୀୟ ପରାମର୍ଶ ନିଆଯାଉ ନଚେତ ପୂର୍ବତନ ନଗର ପାଳ ତ୍ରିଲୋଚନ କାନୁନ୍‌ଗୋଙ୍କ ପରାମର୍ଶ କ୍ରମେ ସଫେଇ କାର୍ଯ୍ୟକ୍ରମ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ନିଗମର ୫୯ ଗୋଟି ଓ୍ୱାର୍ଡ଼ର ଉନ୍ନତିକରଣ ନିମନ୍ତେ ଘୋଷଣା କରାଯାଇଥିବା ଓ୍ୱାର୍ଡ଼ ଓ୍ୱାରୀ ୫୦ ଲକ୍ଷ ଟଙ୍କା ଅନୁଦାନରେ ଟେଣ୍ଡର ଅଦ୍ୟାବଧି ସମ୍ପନ୍ନ ହୋଇପାରିଲା ନାହିଁ ।  ୫ ରୁ ୬ ମାସ ମଧ୍ୟରେ ଆମ୍ଭମାନଙ୍କର କାର୍ଯ୍ୟକାଳ ସରିଯିବ । ତେଣୁ ଏ ବିଷୟରେ  ତୁରନ୍ତ କନିଷ୍ଠ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ପ୍ରଦାନ କରାଯାଇ  କାର୍ଯ୍ୟାରମ୍ଭ କରାଯିବାକୁ ମାନ୍ୟବର ମେୟରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

❖ ଜୁବୁଲି ଟାଓ୍ୱାରରେ ୧୬ ଗୋଟି ଗୃହ  ଖାଲି ପଡ଼ିଛି । ସେ ବିଷରେ ବାରମ୍ୱାର ଆଲୋଚନା ତଥା ପ୍ରସ୍ତାବ ଆଗତ କରାଗଲେ ମଧ୍ୟ  ଗୃହ ଗୁଡ଼ିକ ନିମନ୍ତେ କୌଣସି ନିଷ୍ପତି ଗ୍ରହଣ କରାଯାଇନାହିଁ । ନୂତନ ଭାବେ  ନିର୍ମାଣ କରାଯାଇଥିବା ନୂଆପଡ଼ା ଏବଂ ରାମ ଶଙ୍କର ମାର୍କେଟ କମ୍ପଲେକ୍ସର ଦୋକାନ  ଗୃହ ମଧ୍ୟ ଆବଣ୍ଟନ କରାଗଲା ନାହିଁ ଫଳରେ  ନିଗମର ରାଜସ୍ୱ ହାନି ହେଉଛି । ତେଣୁ ଏ ଦିଗରେ ଯଥାଶିଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ନିଗମର କଲ୍ୟାଣ ମଣ୍ଡପରୁ  କୋଟି କୋଟି  ଟଙ୍କା ହଡ଼ପ କରାଯାଇଛି । ତତ୍‌କାଳୀନ କେୟାର ଟେକର ପ୍ରଦୀପ କୁମାର ସାମଲଙ୍କୁ ନିଲମ୍ବିତ କରାଯାଇଥିଲା । ହେଲେ ଉକ୍ତ ଘଟଣାର ତଦନ୍ତ କ'ଣ କରାଗଗଲା ତାହାର ତଥ୍ୟ ଗୃହକୁ ଜଣାଗଲାନାହିଁ । ଶ୍ରୀ ସାମଲ ଆଜି  ଅବସରଗ୍ରହଣ କରୁଥିବାରୁ ତାଙ୍କୁ NOC ପ୍ରଦାନ ନକରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

❖ ନିଗମରେ ଅନ୍ୟାନ୍ୟ ଉନ୍ନତିକରଣ କାର୍ଯ୍ୟ ଯଥା ଅମୃତ ଯୋଜନାରେ ଜୟ ପ୍ରକାଶ ନାରାୟଣ ପାର୍କ, ବିରେନ ମିତ୍ର ପାର୍କ, ଗୌରୀ ଶଙ୍କର ପାର୍କ ଗୁଡ଼ିକ ବିଭିନ୍ନ ପ୍ରକାର ଅବ୍ୟବସ୍ଥା ମଧ୍ୟରେ ଗତି କରୁଅଛି । ତେଣୁ ନିଗମର ପାର୍କ ଗୁଡ଼ିକର ଉନ୍ନତି କରଣ ସମ୍ପର୍କରେ ମାନ୍ୟବର ମେୟର ତଥା କମିଶନରଙ୍କ ଠାରୁ ସ୍ପଷ୍ଟିକରଣ ମାଗିଥିଲେ ।

❖ ଏଲ୍‌ଡ଼ି ଆଲୋକୀକରଣ ଯୋଜନା ସିଡ଼ିଏ ଠାରୁ ଆରମ୍ଭ କରାଯାଇଥିଲେ ମଧ୍ୟ କଟକ ସହର ମଧ୍ୟରେ ଯଥାଶିଘ୍ର ଆରମ୍ଭ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ନିଗମରେ ବ୍ୟବହୃତ ଆମ୍ଭୁଲାନ୍ସ, ଜେସିବି, ବବ୍‌କ୍ୟାଟ ଗୁଡ଼ିକର ସଠିକ ରକ୍ଷଣାବେକ୍ଷଣ ବା ମରାମତି କରାଯାଉନାହିଁ ଏବଂ ଆମ୍ଭୁଲାନ୍ସର ହେଲ୍‌ପ ଲାଇନ ନମ୍ବର ପ୍ରକାଶ କରାଯାଉନାହିଁ ।

ତତ୍ ସହିତ ସ୍ୱର୍ଗରଥର ରସିଦ କଟାଯାଇ ନିଗମରେ ଦାଖଲ କରାଯାଉଛି କି ନାହିଁ ସେ ସମ୍ବନ୍ଧରେ ଜାଣିବାକୁ ଚାହିଁଥିଲେ ।

**ଶ୍ରୀଯୁକ୍ତ ବିକାଶ ରଂଜନ ବେହେରା, ଅଧକ୍ଷ, ଲାଇସେନ୍ସ ଆଣ୍ଡ ଅପିଲ ଷ୍ଟାଣ୍ଡିଙ୍ଗ କମିଟି :**

- ଆଲୋଚନାରେ ଅଂଶ ଗ୍ରହଣ କରି , ନୂତନ ବର୍ଷ ଉପଲକ୍ଷେ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ । ବର୍ଯ୍ୟବସ୍ତୁ ପରିଚାଳନା ନିମନ୍ତେ ହୋଇଥିବା ଟେଣ୍ଡରରେ ମେଟ୍ରୋ ସଂସ୍ଥା Lowest Rate ଉପସ୍ଥାପନା କରିଥିବାରୁ ଉକ୍ତ ସଂସ୍ଥାସହ ମୁଲଚାର କରି କେତେ ଦର ନିର୍ଦ୍ଧାରଣ କରାଯାଇ ସରକାରଙ୍କ ନିକଟକୁ ଅନୁମୋଦନ ନିମନ୍ତେ ପଠାଗଲା ସେ ସମ୍ବନ୍ଧରେ ଗୃହରେ ଅବଗତ କରାଗଲା ନାହିଁ । ତେବେ ବର୍ଯ୍ୟବସ୍ତୁ ପରିଚାଳନା ନିମନ୍ତେ ଖର୍ଚ୍ଚ ହେବାକୁ ଥିବା ଅଧିକ ୮୦ ପ୍ରତିଶତ ଅର୍ଥ କେଉଁ ପାଣ୍ଠିରୁ ଭରଣ କରାଯିବ। ସେ ସମ୍ବନ୍ଧରେ କମିଶନରଙ୍କ ଠାରୁ ସ୍ପଷ୍ଟି କରଣ ଚାହିଁଥିଲେ ।
- ଖ୍ରୀଷ୍ଟମାସରେ ଓ୍ୱାର୍ଡ଼ରେ ଥିବା ଖ୍ରୀଷ୍ଟିୟାନ ସାହିରେ ଆଲୋକର ବ୍ୟବସ୍ଥା କରାଯିବା ନିମନ୍ତେ ଲିଖିତରେ ଦେଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବାରୁ କ୍ଷୋଭ ପ୍ରକାଶ କରିଥିଲେ । ସେହିପରି ସହରରେ ଏଲ୍ଇଡ଼ି କାର୍ଯ୍ୟକ୍ରମ ୬ ରୁ ୮ ମାସ ଲାଗିବାକୁ ଥିବା ବେଳେ ବର୍ତମାନ ଅନ୍ଧାର ଅବସ୍ଥାରେ ଥିବା ଓ୍ୱାର୍ଡ଼ ଗୁଡ଼ିକରେ ଅସ୍ଥାୟୀ ଆଲୋକର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ବିଜୁ ପଟ୍ଟନାୟକ ଛକ ଠାରୁ ଦେଉଳସାହି ଏବଂ ଦେଉଳସାହି ଠାରୁ ଜିମ୍ନାସିୟମ ଛକ ଓ ଓ୍ୟାରେଲେସ ଛକ ଠାରୁ ବାଉରୀସାହି ଛକ ପର୍ଯ୍ୟନ୍ତ ୩ ଗୋଟି ମୁଖ୍ୟ ରାସ୍ତାକୁ **R & B Department** କୁ ହସ୍ତାନ୍ତର କରାଯିବାକୁ ବାରମ୍ବାର ଦାବି ଉପସ୍ଥାପନା କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବାରୁ, ଯଥାଶିଘ୍ର ଉକ୍ତ ରାସ୍ତା ଗୁଡ଼ିକ ହସ୍ତାନ୍ତର ବାବଦରେ **R & B Department** କୁ ପତ୍ରାଳାପ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।
- ପବ୍ଲିକ ହେଲଥ ଷ୍ଟାଣ୍ଡିଙ୍ଗ କମିଟିର ପ୍ରସ୍ତାବ ଅନୁଯାୟୀ ସ୍ୱଚ୍ଛ ସର୍ଭେକ୍ଷଣ ଅନୁଯାୟୀ ନିଗମର ପ୍ରତ୍ୟେକ ଓ୍ୱାର୍ଡ଼ ଗୁଡ଼ିକ ସଫେଇ କରଣ ନିମନ୍ତେ ପର୍ଯ୍ୟାୟକ୍ରମେ ସରକାରଙ୍କ ନୀୟମାନୁଯାୟୀ ସଫେଇ କରାଯିବାକୁ ପସ୍ତାବ ଦେଇଥିଲେ ।
- ମଶାତେଲ ML Oil କୁ ସଂଗ୍ରହଣ ନିମନ୍ତେ କୋଲକାତା ଇଣ୍ଡିଆନ ଅଏଲ କର୍ପୋରେସନ ସହିତ ଯୋଗାଯୋଗ କରାଯାଇ ନିଗମ ପାଣ୍ଠିରୁ କ୍ରୟ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ଶ୍ରୀବିହାର କଲୋନିରେ ଥିବା ଡ୍ରେନ କାର୍ଯ୍ୟ ନିମନ୍ତେ ଜାଇକାକୁ ବାରମ୍ବାର ଲିଖିତରେ ଦେଲେ ମଧ୍ୟ କୌଣସି କାର୍ଯ୍ୟକାରୀ କରାଯାଉନାହିଁ । ଜାଇକା ଯୋଗୁଁ ବିଭିନ୍ନ ଓ୍ୱାର୍ଡ଼ରେ ସମସ୍ୟା ଉତ୍ପନ୍ନ ହୋଇଥିବାରୁ, ଏ ନେଇ ଜାଇକା କର୍ତୃପକ୍ଷଙ୍କ ସହ ଏକ ବୈଠକ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ମଶା ନିରାକରଣ ନିମନ୍ତେ ୨୦୦ ଗ୍ରାମ ଟେମିଫସ ପ୍ରଦାନ କରାଯାଉଥିବାରୁ ଏହାକୁ ବୃଦ୍ଧି କରାଯାଇ ୩୦୦ ଗ୍ରାମ ଲେଖାଏଁ ଟେମିଫସ ସମସ୍ତ ୫୯ ଗୋଟି ୱାର୍ଡ଼କୁ ମଶାତେଲ ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ନିଗମରେ ଥିବା ସ୍ଲଜପମ୍ପ ଗାଡ଼ି ଗୁଡ଼ିକର ରକ୍ଷଣାବେକ୍ଷଣ କରାଯାଉନଥିବାରୁ ଏହାକୁ Annul Maintenance କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ସ୍ୱାୟତ ଶାସନ ଦିବସରେ ବିଭିନ୍ନ ସ୍ୱତନ୍ତ୍ର ପ୍ରକଳ୍ପ ଗୁଡ଼ିକର ଫଳକ ଲଗାଯାଇ କୌଣସି କାର୍ଯ୍ୟକାରୀ କରାଯାଇନଥିବାରୁ ଏ ବାବଦରେ ପବ୍ଲିକ ୱାର୍କସ ଷ୍ଟାଣ୍ଡିଙ୍ଗ କମିଟିର ଅଧ୍ୟକ୍ଷଙ୍କ ତତ୍ୱାବଧାନରେ ଏକ ବୈଠକ କରାଯାଇ ସମସ୍ୟାର ସମାଧାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ UIDSSMT ଯୋଜନାରେ ବିଜୁପଟ୍ଟନାୟକ ଛକ ଠାରୁ ଜିଲ୍ଲାପାଳଙ୍କ ଗୃହ ପର୍ଯ୍ୟନ୍ତ ଡ୍ରେନର ସଠିକ Demarcation ନିମନ୍ତେ ତହସିଲଦାରଙ୍କୁ ପତ୍ରାଳାପ କରାଯାଇ ଯଥାଶିଘ୍ର ଏହାକୁ ସମାଧାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ଅମୃତ ଯୋଜନାରେ କରାଯାଉଥିବା ପାର୍କ ଗୁଡ଼ିକର ରକ୍ଷଣା ବ୍ୟକ୍ଷଣ ତଥା ପାଣିର ବ୍ୟବସ୍ଥା କରାଯାଇନଥିବାରୁ ଏ ବାବଦରେ ଉପ ଆୟୁକ୍ତ-୧ଙ୍କ ସହ ଆଲୋଚନା କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଆୱାସ ଯୋଜନାରେ ଯେଉଁ ନୂତନ ଫର୍ମ ଗୁଡ଼ିକ ଆସୁଛି ତାହାକୁ ଗ୍ରହଣ କରାଯିବ କି ନାହିଁ ସେ ସମ୍ବନ୍ଧରେ କମିଶନରଙ୍କ ଠାରୁ ସ୍ପଷ୍ଟିକରଣ ଚାହିଁଥିଲେ ।

❖ ଯେଉଁ ହିତାଧିକାରୀମାନେ ରେସନ କାର୍ଡ଼ ଗୁଡ଼ିକ ଫେରାଇ ଦେଇଛନ୍ତି ସେ ଗୁଡ଼ିକର ତାଲିକା ୱାର୍ଡ଼ ୱାଡୀ ସମସ୍ତ କର୍ପୋରେଟରମାନଙ୍କୁ ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ନିଗମରେ ୩ବର୍ଷରୁ ଉର୍ଦ୍ଧ ଯେଉଁ କର୍ମଚାରୀମାନେ ଗୋଟିଏ ସିଟରେ ରହି କାର୍ଯ୍ୟକରୁଛନ୍ତି ସେମାନଙ୍କୁ ବଦଳି କରାଯିବା ନିମନ୍ତେ ବାରମ୍ବାର ପ୍ରସ୍ତାବ ଦେଲେ ମଧ୍ୟ କାହିଁକି ଏହାରୀ କାର୍ଯ୍ୟକାରୀ କରାଯାଉନାହିଁ ଏ ବାବଦରେ କମିଶନରଙ୍କ ଠାରୁ ସ୍ପଷ୍ଟିକରଣ ଚାହିଁଥିଲେ ।

❖ ସର୍ଭିସ ପ୍ରୋଭାଇଡ଼ର ମାଧ୍ୟମରେ ନିଗମରେ ନିୟୋଜିତ ହୋଇଥିବା କର୍ମଚାରୀଙ୍କ ତାଲିକା ପ୍ରତିଷ୍ଠାନ ଷ୍ଟାଣ୍ଡିଙ୍ଗ କମିଟିରେ ବାରମ୍ବାର ମଗାଯାଉଥିଲେ ମଧ୍ୟ କାହିଁକି ପ୍ରଦାନ କରାଯାଉନାହିଁ ସେ ସମ୍ବନ୍ଧରେ ଜାଣିବାକୁ ଚାହିଁଥିଲେ ।

❖ ଗତମାସ ଲାଇସେନ୍ସ ଷ୍ଟାଣ୍ଡିଙ୍ଗ କମିଟି ବୈଠକରେ କୌଣସି ଅଧିକାରିମାନେ ଯୋଗଦେଇନଥିଲେ ଏବଂ କେତେକ ଫାଇଲ ଅତିରିକ୍ତ ଆୟୁକ୍ତ-୧ ପକାଇ ରଖୁଛନ୍ତି । ନିଗମରେ ଅଧିକାରୀମାନଙ୍କୁ ବାର୍ଷିକ ୪କୋଟିରୁ ଉର୍ଦ୍ଧ ଦରମା ପ୍ରଦାନ କରାଯାଉଥିଲେ ମଧ୍ୟ ସେମାନଙ୍କ ଦ୍ୱାରା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଜବରଦଖଲ ଉଚ୍ଛେଦ ନିମନ୍ତେ ବାରମ୍ବାର ପ୍ରସ୍ତାବ ଆଗତ କରାଗଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଏ ବାବଦରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତ ଅରୁଣ ସେଠୀ, କର୍ପୋରେଟର, ୱାର୍ଡ ନଂ-୧୮ :**

❖ ଆଲୋଚନାରେ ଅଂଶ ଗ୍ରହଣ କରି ନୂତନ ବର୍ଷ ଉପଲକ୍ଷେ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ । ନିଗମର କଲ୍ୟାଣ ମଣ୍ଡପ ବୁକିଂରେ ଜାଲ ରସିଦରେ କୋଟି କୋଟି ଟଙ୍କା ହଡ଼ପ କରିଥିବା କେୟାର ଟେକର ପ୍ରଦୀପ ସାମଲଙ୍କ ବିରୁଦ୍ଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ସେ ସମ୍ବନ୍ଧରେ ଗୃହକୁ ଅବଗତ କରାଗଲା ନାହିଁ । ପୂର୍ବରୁ କିରାଣୀ ଶଶି ବାରିକ, ଗାଡ଼ି ଓ ଟ୍ରାକ୍ଟରରେ କରିଥିବା ଦୂର୍ନିତ ରିପୋର୍ଟକୁ ଚପାଗଲା । ଡ୍ରିମ ଟିମ ସଂସ୍ଥା ହୋଡ଼ିଂ ବାବଦରେ କୋଟି କୋଟି ଟଙ୍କା ହଡ଼ପ କଲା କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲାନାହିଁ । ତେଣୁ ଉକ୍ତ ଟଙ୍କା କିପରି ନିଗମ ପାଣ୍ଠିକୁ ଆସିବ ସେ ସମ୍ବନ୍ଧରେ ମାନ୍ୟବର ମେୟର ତଥା କମିଶନରଙ୍କ ଠାରୁ ସ୍ପଷ୍ଟିକରଣ ଚାହିଁଥିଲେ ।

❖ ନିଗମ ଅଂଚଳରେ ଲଗାଯାଇଥିବା ହୋଡ଼ିଂର ୱାର୍ଡ଼ ୱାରୀ ତାଲିକା ପ୍ରଦାନ ନିମନ୍ତେ ବାରମ୍ବାର ପ୍ରସ୍ତାବ ଆଗତ କଲେ ମଧ୍ୟ ସମସ୍ତ କର୍ପୋରେଟରଙ୍କୁ ହୋଡ଼ିଂର ତାଲିକା ପ୍ରଦାନ କରାଯାଇନଥିବାରୁ ଯଥାଶିଘ୍ର ଏହାକୁ ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ବର୍ଯ୍ୟବସ୍ତୁ ପରିଚାଳନାରେ Lowest Bidder ହୋଇଥିବା ମେଟ୍ରୋ ସଂସ୍ଥାଙ୍କ ସହ ମୁଲଚାର କରି କେତେ ଦର ନିର୍ଦ୍ଧାରଣ କରାଯାଇ ସରକାରଙ୍କ ନିକଟକୁ ଅନୁମୋଦନ ନିମନ୍ତେ ପଠାଗଲା ସେ ସମ୍ବନ୍ଧରେ ଗୃହରେ ଅବଗତ କରାଯାଇନଥିବାରୁ, ଏ ବାବଦରେ କମିଶନରଙ୍କ ଠାରୁ ଜାଣିବାକୁ ଚାହିଁଥିଲେ ।

❖ ରାସନ କାର୍ଡ଼ ଯୋଜନାରେ ବହୁ ଯୋଗ୍ୟ ହିତାଧିକାରୀ କାର୍ଡ଼ ପ୍ରାପ୍ତ ହେବା ପାଇଁ ୩ ବର୍ଷ ହେଲା ଅପେକ୍ଷା ରତ ଥିଲେ ମଧ୍ୟ ସେମାନଙ୍କୁ ଉକ୍ତ ଯୋଜନାରେ ଅର୍ନ୍ତଭୁକ୍ତ କରାଯାଇନାହିଁ । କେତେକ ହିତାଧିକାରୀ ଗ୍ରୀନ କାର୍ଡ଼ ପାଇବାରୁ ବଂଚିତ ହୋଇ ରାସନ ସାମଗ୍ରୀ ପାଇପାରୁନାହାଁନ୍ତି । ଯଥାଶିଘ୍ର ହିତାଧିକାରି ଚିହ୍ନଟ କରାଯାଇ ଉକ୍ତ ସୁବିଧା ପ୍ରତ୍ୟେକ ୱାର୍ଡ଼ରେ ଯୋଗାଇଦେବା ନିମନ୍ତେ ଆୟୁକ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

❖ ନିଗମ ଅଂଚଳରେ ବହୁ ଗରିବ ଲୋକ ଅନ୍ତୋଦୟ କାର୍ଡ଼ ପାଇବା ପାଇଁ ଆବେଦନ କରିଥିଲେ ମଧ୍ୟ ସେମାନଙ୍କୁ ଉକ୍ତ ଯୋଜନାରେ ଅର୍ନ୍ତଭୂକ୍ତ କରାଯାଇନାହିଁ । ତେଣୁ ତୁରନ୍ତ ହିତାଧିକାରୀମାନଙ୍କୁ ଅନ୍ତୋଦୟ କାର୍ଡ଼ ସୁବିଧା ଯୋଗାଇଦେବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

❖ ସହରରେ ମଶାର ପ୍ରାର୍ଦୁଭାବ ଏତେ ବଢ଼ି ଗଲାଣି ଯେ ଘରେ ବାହାରେ ମଶା କାମୁଡୁଛନ୍ତି । ମଶା ନିୟନ୍ତ୍ରଣରେ ନିଗମ ସମ୍ପୂର୍ଣ୍ଣ ଫେଲ ମାରିଛି । ମଶା ନିୟନ୍ତ୍ରଣ ପାଇଁ ଟିଫା ମେସିନ କୌଣସି ୱାର୍ଡ଼କୁ ଯୋଗାଇ ଦିଆଯାଉନାହିଁ କି ମଶା ତେଲ ସିଂଚନ କରାଯାଉନାହିଁ । ତୁରନ୍ତ ସହରରେ ମଶା ନିୟନ୍ତ୍ରଣ କରାଯିବା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ

❖ ପ୍ରତ୍ୟେକ ୱାର୍ଡ଼କୁ ୫ଜଣ ଲେଖାଏଁ କୁଲି ଯୋଗାଇ ଦେବା ନିମନ୍ତେ ମାନ୍ୟବର ମେୟର ଘୋଷଣା କରି ପରିଷଦ ବୈଠକରେ ପ୍ରସ୍ତାବ ପାରିତ ହୋଇଥିଲେ ମଧ୍ୟ କୁଲି ଯୋଗାଇ ଦିଆଯାଇନାହିଁ । ତେଣୁ ଯଥାଶିଘ୍ର କୁଲିର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

- ସହରରେ କୁକୁର ସଂଖ୍ୟା ବହୁ ପରିମାଣରେ ବଢିଯାଇଥିବାରୁ, ବିଭିନ୍ନ ସମୟରେ ରାସ୍ତାଘାଟରେ ଅନେକ ଦୁର୍ଘଟଣା ଘଟିବା ସହିତ ଧନଜୀବନ ହାନି ହେଉଛି । ପାଗଳା କୁକୁର ମାନଙ୍କ ଦ୍ୱାରା ଜନସାଧରଣ କ୍ଷତବିକ୍ଷତ ହେଉଛନ୍ତି । ତେଣୁ ନିଗମ ଅଂଚଳରେ କୁକୁର ବନ୍ଧ୍ୟାକରଣ କାର୍ଯ୍ୟକ୍ରମ ନିମନ୍ତେ ଯଥାଶିଘ୍ର Dog Squad ଗଠନ କରାଯିବାକୁ ମେୟରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।
- ଓ୍ୱାର୍ଡ଼ରେ ନାଳ ନର୍ଦ୍ଦମାର ଅବସ୍ଥା ବିପର୍ଯ୍ୟସ୍ତ ହୋଇଯାଇଥିବା ବେଳେ ରାସ୍ତାଘାଟରେ ନାଳ ପାଣି ଜମିରହୁଛି । ଏ ବାବଦରେ ସାନିଟେରୀ ଇନ୍ସପେକ୍ଟରଙ୍କୁ ଫୋନ କଲେ କୌଣସି ଉତର ମିଳୁନାହିଁ । ତେଣୁ ଜଣେ ଲୋକପ୍ରତିନିଧି ହିସାବରେ ଏ ସମସ୍ୟା ବାବଦରେ କାହାକୁ ଜଣାଇବେ ବୋଲି କମିଶନରଙ୍କ ଠାରୁ ଉତର ଚାହିଁଥିଲେ ।
- ଗତ ଜୁଲାଇ ମାସରେ ଓ୍ୱାର୍ଡ଼ ଓ୍ୱାରୀ ୫୦ ଲକ୍ଷ ଟଙ୍କା ଅନୁଦାନରେ ଉନ୍ନତି କରଣ କାର୍ଯ୍ୟ କରାଯିବା ନିମନ୍ତେ ଘୋଷଣା କରାଯାଇଥିବା ବେଳେ ଦୀର୍ଘ ୭ ମାସ ବିତିଯାଇଥିଲେ ମଧ କାର୍ଯ୍ୟକାରୀ କରାଯାଇନାହିଁ । ଉନ୍ନତି ଯୋଜନାରେ ଓ୍ୱାର୍ଡ଼ ଓ୍ୱାରୀ ୫୦ ଲକ୍ଷ ଟଙ୍କା ଅନୁଦାନରେ ନୀୟମ ଅନୁଯାୟୀ ମାଟି ରାସ୍ତାକୁ ପକ୍କା ରାସ୍ତା, ପୋଖରୀ ଗୁଡ଼ିକର ପୁର୍ନରୁଦ୍ଧାର ଏବଂ ପାର୍କ କାର୍ଯ୍ୟ କରାଯିବା ହେଲେ ଉକ୍ତ ଯୋଜନାରେ କୌଣସି କାର୍ଯ୍ୟ ଆରମ୍ଭ କରାଯାଇନଥିବାରୁ ଯଥାଶିଘ୍ର ଏହାକୁ କାର୍ଯ୍ୟକାରୀ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତ ରଂଜନ କୁମାର ବିଶ୍ୱାଳ, ଅଧକ୍ଷ, ପବ୍ଲିକ ହେଲଥ ଷ୍ଟାଣ୍ଡିଙ୍ଗ କମିଟି :**

- ଆଲୋଚନାରେ ଅଂଶଗ୍ରହଣ କରି ନୂତନ ବର୍ଷ-୨୦୧୮ ଉପଲକ୍ଷେ ସମସ୍ତ ସଦସ୍ୟା/ସଦସ୍ୟ ତଥା ଅଧିକାରୀ ମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । ଗତ ଜୁଲାଇ ମାସରେ ଓ୍ୱାର୍ଡ଼ ଓ୍ୱାରୀ ୫୦ ଲକ୍ଷ ଅନୁଦାନ ଘୋଷଣା କରାଯାଇଥିବା ବେଳେ ଦୀର୍ଘ ୭ ମାସ ବିତିଯାଇଥିଲେ ମଧ କୌଣସି ଗୋଟିଏ କାର୍ଯ୍ୟ କାର୍ଯ୍ୟକାରୀ କରାଯାଇନଥିବାରୁ କ୍ଷୋଭ ପ୍ରକାଶ କରିବା ସହିତ, ଟେଣ୍ଡର ସମ୍ବନ୍ଧରେ ଯେଉଁ ସମସ୍ୟା ଅଛି, ଯଥାଶିଘ୍ର ତାହାକୁ ସମାଧାନ କରାଯିବାକୁ ପ୍ରସ୍ତାବ ଦେବା ସହ ଉକ୍ତ ଅନୁଦାନ ମଧରେ ଯେଉଁ କାର୍ଯ୍ୟ ଗୁଡ଼ିକର ଟେଣ୍ଡର କରାଯାଇଛି ୭ ଦିନ ମଧରେ ସମ୍ପୃକ୍ତ ଠିକାଦାରମାନଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ନିଗମ ଅଂଚଳରେ ଜାଇକା କାର୍ଯ୍ୟ ଦ୍ୱାରା ଡ୍ରେନ ମାନଙ୍କରେ ମାଟି ଭର୍ତି ହୋଇଯାଉଅଛି । ଜାଇକା ଦ୍ୱାରା ନିର୍ମାଣ କାର୍ଯ୍ୟ କରାଯିବା ସହିତ ପଙ୍କ ଉଦ୍ଧାର, ରାସ୍ତା ନିର୍ମାଣ କାର୍ଯ୍ୟ କରାଯିବାକୁ ପ୍ରସ୍ତାବ ଦେବା ସହ ଜାଇକା କର୍ତୃପକ୍ଷଙ୍କ ସହ ଏକ ସ୍ୱତନ୍ତ୍ର ବୈଠକ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- କଟକ ସହରର ଉନ୍ନତି କରଣ ନିମନ୍ତେ କାର୍ଯ୍ୟକରୁଥିବା ଓପିଟିସିଏଲ୍, ଅମୃତ ଏବଂ ଜାଇକା ଆଦି ୩ ଗୋଟି ସଂସ୍ଥାଙ୍କ ସହ ଏକ ସମନ୍ୱୟ ବୈଠକ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ସହରରେ ଏଲ୍ଇଡ଼ି କାର୍ଯ୍ୟକ୍ରମ ନିମନ୍ତେ ୧୦୦ ଦିନ ଧାର୍ଯ୍ୟ କରାଯାଇଥିବାରୁ କେତେ ଦିନ ମଧରେ ଏହା ଶେଷ କରାଯିବ ଏବଂ କେଉଁ କେଉଁ ଅଂଚଳରେ ଲାଇଟ ଲଗାଯିବ ତାହାର ସମସ୍ତ ତଥ୍ୟ କର୍ପୋରେଟରମାନଙ୍କୁ ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ନିଗମ ଅଂଚଳରେ ମଶାର Density ଅତ୍ୟଧିକ ବଢ଼ିଯାଇଥିବା ହେତୁ ସମସ୍ତ ୱାର୍ଡ଼ରେ ଫଗିଙ୍ଗ ଅପରେସନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ ନିଗମ ଅଂଚଳରେ କେତେକ ହିତାଧିକାରୀ ବର୍ତମାନ ସୁଦ୍ଧା କାର୍ଯ୍ୟାଦେଶ ପାଇନଥିବା ତଥା ବର୍ତମାନ ଚୟନ କରାଯାଇଥିବା ହିତାଧିକାରୀମାନଙ୍କୁ କେବେ ସୁଦ୍ଧା କାର୍ଯ୍ୟାଦେଶ ପ୍ରଦାନ କରାଯିବ ବୋଲି ଆୟୁକ୍ତଙ୍କ ଠାରୁ ଜାଣିବାକୁ ଚାହିଁଥିଲେ ।

❖ ନିଗମର ୫୯ ଗୋଟି ୱାର୍ଡ଼ରେ କେତେ ହୋଡ଼ିଂ ଲାଗିଛି ତାହାର ତାଲିକା ପ୍ରଦାନ କରାଯିବା ନିମନ୍ତେ ପୂର୍ବରୁ ପ୍ରସ୍ତାବ ଆଗତ କରାଯାଇଥିଲେ ସୁଦ୍ଧା ଏହାର ତାଲିକା ପ୍ରଦାନ କରାଯାଇନଥିବାରୁ, ଏହାର ସମସ୍ତ ୱାର୍ଡ଼ୱାରୀ ତାଲିକା ପ୍ରସ୍ତୁତ କରାଯାଇ ସମସ୍ତ କର୍ପୋରେଟର ମାନଙ୍କୁ ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ନିଗମ ଅଂଚଳରେ ନାଳ ନର୍ଦ୍ଦମା ଅବରୋଧ ହେବାର ମୁଖ୍ୟ କାରଣ ପଲିଥିନ ହୋଇଥିବାରୁ, ଏ ନେଇ ପୂର୍ବରୁ ପଲିଥିନ ବ୍ୟାନ କରାଯିବା ନିମନ୍ତେ ପ୍ରସ୍ତାବ ଆଗତ କରାଯାଇଥିଲେ ସୁଦ୍ଧା ଅଦ୍ୟାବଧି କାର୍ଯ୍ୟକାରୀ କରାଯାଇନାହିଁ । ବ୍ରହ୍ମପୁର ମହାନଗର ନିଗମରେ Plastic Squad Formation ମାଧ୍ୟମରେ ପଲିଥିନ ବନ୍ଦ କରାଯାଇଥିବା ବେଳେ କଟକରେ କାହିଁକି କାର୍ଯ୍ୟକାରୀ ହେବନାହିଁ ବୋଲି ପ୍ରଶ୍ନ କରିବା ସହିତ ଯଥାଶିଘ୍ର Plastic Squad ଗଠନ କରାଯାଇ ପଲିଥିନ ବ୍ୟାନ ତଥା ବ୍ୟବହାର ବନ୍ଦ କରାଗଲେ ସହର ପଲିଥିନ ମୁକ୍ତ ହେବା ସହିତ ନାଳ ନର୍ଦ୍ଦମା ବନ୍ଦ ହେବ ନାହିଁ ବୋଲି ପ୍ରସ୍ତାବ ଦେଇଥିଲେ ।

❖ ନିଗମର ବିଶ୍ୱନାଥ ପଣ୍ଡିତ କେନ୍ଦ୍ରୀୟ ପାଠାଗାରରେ ବହୁଳ ପାଠକ ପାଠିକା ମାନଙ୍କର ସୁରକ୍ଷାକୁ ଦୃଷ୍ଟିରେ ରଖାଯାଇ ବାରମ୍ବାର ସିସିଟିଭି ଲଗାଯିବା ନିମନ୍ତେ ପ୍ରସ୍ତାବ ଆଗତ କରାଯାଉଥିଲେ ମଧ୍ୟ କାହିଁକି କାର୍ଯ୍ୟକାରୀ କରାଯାଉ ନାହିଁ ସେ ସମ୍ବନ୍ଧରେ କମିଶନରଙ୍କ ଠାରୁ ଜାଣିବାକୁ ଚାହିଁଥିଲେ ।

❖ ରାଜୀବ ଆଶ୍ୱାସ ଯୋଜନାରେ ୮ କୋଟି ଟଙ୍କା ପ୍ରଦାନ କରାଗଲ କିନ୍ତୁ ନିମସାହି, ପିଠାପୁର, ବାଉରୀ ସାହି, ଠାରେ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ଅନେକ ଗୃହ ପଡ଼ିରହିଥିବାରୁ, ଯଥାଶିଘ୍ର ସେ ଗୁଡ଼ିକ କାର୍ଯ୍ୟକାରୀ କରାଯିବାକୁ ପ୍ରସ୍ତାବ ଆଗତ କରାଗଲା ।

❖ ନିଗମରେ ହିତାଧିକାରୀମାନେ ବିଭିନ୍ନ ଭତା ନିମନ୍ତେ ଆବେଦନ କରିଥିବା ଫର୍ମ ଗୁଡ଼ିକ ଯଥାଶିଘ୍ର କାର୍ଯ୍ୟକାରୀ କରାଯାଇ ଭତା ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

<u>**ଶ୍ରୀଯୁକ୍ତା ବୈଶାଳୀ ବେହେରା, କର୍ପୋରେଟର, ୱାର୍ଡ଼ ନଂ-୨୮ :**</u>

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ୱାର୍ଡ଼ରେ ଥିବା ନିଗମର ଏକ ଚିକିତ୍ସାଳୟ ଉପରେ ୱାର୍ଡ଼ବାସୀ ନିର୍ଭର କରୁଥିବାରୁ ଉକ୍ତ ଚିକିତ୍ସାଳୟରେ ଦୀର୍ଘ ଦୀନ ହେବ ଡ଼ାକ୍ତର ନଥିବାରୁ ୱାର୍ଡ଼ବାସୀ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବା ଦୃଷ୍ଟିରୁ, ଯଥାଶିଘ୍ର ଉକ୍ତ ଚିକିତ୍ସାଳୟରେ ଜଣେ ଡ଼ାକ୍ତରଙ୍କୁ ନିଯୋଜନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ଜାଇକା ୱାର୍ଡ଼ରେ ମନଇଛା କାର୍ଯ୍ୟ କରୁଛି, ଯାହାଫଳରେ , ରାସ୍ତାଘାଟ ବିପର୍ଯ୍ୟସ୍ତ ଅବସ୍ଥାରେ ପଡ଼ିରହିଛି, ସୁଇପର କଲୋନୀରେ ପାଣିର ସମସ୍ୟା ଥିବା ବେଳ ଏ ନେଇ ଜନସ୍ୱାସ୍ଥ୍ୟ ବିଭାଗ

ଯନ୍ତ୍ରୀଙ୍କ ସହିତ ଆଲୋଚନା କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ୱାର୍ଡ଼ରେ ଲାଇଟ ଜଳୁନାହିଁ କି ଭତା ବଣ୍ଟନ କାର୍ଯ୍ୟ ସଠିକ ଭାବେ କରାଯାଉନାହିଁ । କୁଲି ନିଯୋଜନ କରାଯାଇଥିଲେ ମଧ୍ୟ ୱାର୍ଡ଼କୁ କୁଲି ଆସୁନାହାଁନ୍ତି । ଅଳିଆ ପରିବହନ ଗାଡ଼ି ଭାଙ୍ଗି ଯାଇଥିବାରୁ ଅଳିଆ ପରିବହନ ହୋଇପାରୁନାହିଁ । ଯଥାଶିଘ୍ର ଉକ୍ତ ସମସ୍ୟା ଗୁଡ଼ିକୁ ସମାଧାନ କରାଯିବା ନିମନ୍ତେ ମାନ୍ୟବର ମେୟର ଏବଂ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

**<u>ସୁଶ୍ରୀ ରଂଜିତା ବିଶ୍ୱାଳ, କର୍ପୋରେଟର, ୱାର୍ଡ଼ ନଂ-୦୭ :</u>**

- ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ବିଭିନ୍ନ କାର୍ଯ୍ୟକୁ ସଠିକ ଭାବେ କରାଯାଉନାହିଁ ତାହା କାଗଜପତ୍ରରେ ରହିଯାଉଛି । ଧୋବାସାହି ଠାରେ ନିର୍ମାଣ କରାଯାଇଥିବା ଶୌଚାଳୟକୁ କାର୍ଯ୍ୟକାରୀ କରାଯାଉନାହିଁ । ୱାର୍ଡ଼ର ଅନେକ ସ୍ଥାନରେ ଲାଇଟ ଜଳୁନାହିଁ । ଯଥାଶିଘ୍ର ଉକ୍ତ ସମସ୍ୟା ଗୁଡ଼ିକୁ ସମାଧାନ କରାଯିବା ନିମନ୍ତେ ମାନ୍ୟବର ମେୟର ଏବଂ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

- ୱାର୍ଡରେ ଥିବା ନିଗମର ଜମି ଜବରଦଖଲରେ ଥିବାରୁ ବାରମ୍ବାର ଉଚ୍ଛେଦ କରାଯିବା ନିମନ୍ତେ ପ୍ରସ୍ତାବ ଆଗତ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । କୁକୁର ବନ୍ଧ୍ୟାକରଣ କାର୍ଯ୍ୟକ୍ରମ ସଠିକ ଭାବେ କରାଯାଉନାହିଁ । ମଶା ନିରାକରଣ ନିମନ୍ତେ **Fogging Operation** ଡ଼ିସେମ୍ବର ଏବଂ ଜାନୁୟାରୀ ମାସରେ ସିଂଚନ କରିବା କଥା ମାତ୍ର ମଶା ଧୁଆଁ ସିଂଚନ ନକରିବା ଫଳରେ ମଶା ବୃଦ୍ଧି ହେଉଥିବାରୁ, ମଶା ଧୁଆଁ ସିଂଚନ କରାଯିବାକୁ ଦୈନିକ ୨୦୦ ଗ୍ରାମ ଟେମିଫସ ପ୍ରଦାନ କରାଯାଉଥିବାରୁ ଏହା ଯଥେଷ୍ଟ ନୁହେଁ ବୋଲି ଅଭିଯୋଗ କରିବା ସହିତ ଯଥାଶିଘ୍ର ଟେପିଫସ ବୃଦ୍ଧି କରାଯାଇ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

- ୱାର୍ଡ଼ ୱାରୀ ୫୦ ଲକ୍ଷ ଅନୁଦାନ ଘୋଷଣା କରାଯାଇଥିବା ବେଳେ ଦୀର୍ଘ ୭ ମାସ ବିତିଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟକାରୀ କରାଯାଇନଥିବାରୁ ଯଥାଶିଘ୍ର ଏ ଦିଗରେ ପଦକ୍ଷେପ ଗ୍ରହଣ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

- ଯେଉଁ ଯେଉଁ ହିତାଧିକାରୀ ମାନେ ରେସନ କାର୍ଡ଼ ଫେରସ୍ତ ଦେଲେ ତାହାର ତାଲିକା ସମସ୍ତ କର୍ପୋରେଟରମାନଙ୍କୁ ପ୍ରଦାନ କରାଯିବା ସହ, ଫେରସ୍ତ କାର୍ଡ଼ ବଦଳରେ କେଉଁ କେଉଁ ନୂତନ ହିତଧିକାରୀ ମାନଙ୍କୁ ରେସନ କାର୍ଡ଼ ପ୍ରଦାନ କରାଗଲା, ତାହା କମିଶନରଙ୍କ ଠାରୁ ଜାଣିବାକୁ ଚାହିଁଥିଲେ ।

**<u>ଶ୍ରୀଯୁକ୍ତା ଦିପାଳିବାଳା ଭୂୟାଁ , କର୍ପୋରେଟର, ୱାର୍ଡ଼ ନଂ-୩୫ :</u>**

- ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ୱାର୍ଡ଼ ୱାରୀ ୫୦ ଲକ୍ଷ ପ୍ୟାକେଜ ମଧ୍ୟରେ ୪୦ ଲକ୍ଷ ଟଙ୍କା ମଧ୍ୟରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କରାଯିବା ସହ ଏବଂ ଅବଶିଷ୍ଟ ୧୦ ଲକ୍ଷ ଟଙ୍କା ମଧ୍ୟରେ ୱାର୍ଡ଼ ନିମନ୍ତେ ଲାଇଟର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦିଆଯାଇଥିଲେ ମଧ୍ୟ କାହିଁକି ଏହାକୁ କାର୍ଯ୍ୟକାରୀ କରାଗଲା ନାହିଁ ତାହାର ସ୍ପଷ୍ଟିକରଣ ଚାହିଁଥିଲେ ।

**ସୁଶ୍ରୀ , ଇତିଶ୍ରୀ ବେହେରା, କର୍ପୋରେଟର, ୱାର୍ଡ଼ ନଂ-୦୨ :**

- ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ୱାର୍ଡ଼ ନଂ-୨ ପୂର୍ବରୁ ୱାର୍ଡ଼ ନଂ-୧ ଥିଲା । ବର୍ତମାନ ଉକ୍ତ ୱାର୍ଡ଼ରେ ଖାଲି ପଡ଼ିଥିବା ୱାର୍ଡ଼ ନଂ-୨ ର ହିତାଧିକାରିମାନଙ୍କୁ Vacancy ପୁରଣ କରାଯିବା ନିମନ୍ତେ ପ୍ରସ୍ତାବ ଦେବାସହ ୱାର୍ଡ଼ ନଂ- ୧ ଓ ୨ର ହିତାଧିକାରୀମାନଙ୍କ ଭତା କାର୍ଡ଼ ଅଲଗା ଅଲଗା କରାଯିବା ସହିତ ୱାର୍ଡ଼ ନଂ-୪, ୩, ୭ ଏବଂ ୯ ନମ୍ବର ୱାର୍ଡ଼ର ହିତାଧିକାରି ମାନଙ୍କୁ ୱାର୍ଡ଼ ନଂ-୨ର ଭତା କେନ୍ଦ୍ରରେ ଭତା ପ୍ରଦାନ କରାଯାଉଥିବାରୁ ଉକ୍ତ ହିତାଧିକାରୀମାନଙ୍କୁ ନିଜ ନିଜ ୱାର୍ଡ଼ର ଭତା କେନ୍ଦ୍ରରେ ଭତା ପ୍ରଦାନ କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।
- ୱାର୍ଡ଼ ନଂ-୨ ପୂର୍ବରୁ ୱାର୍ଡ଼ ନଂ-୧ ଥିବାରୁ ୱାର୍ଡ଼ ନଂ-୧ର ମ୍ୟାପ ସମ୍ପୁର୍ଣ୍ଣ ଭାବେ ଅଲଗା କରାଯାଇ ସମ୍ପୃକ୍ତ କମ୍ୟୁନିଟି ଅର୍ଗାନାଇଜର ମାନଙ୍କୁ ଉକ୍ତ ମ୍ୟାପ ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ୱାର୍ଡ଼ ନଂ-୨ ରାଜିବ ଆୱାସ ଯୋଜନାରେ ଚୟନ ହୋଇଥିବା ହିତାଧିକାରୀମାନେ ଦୀର୍ଘ ଦିନ ହେବ ଘର ଭାଙ୍ଗି ନୂତନ ଘର ନିର୍ମାଣ କରିବା ନିମେନ୍ତ ଅପେକ୍ଷାରତ ଥିବା ବେଳେ ଉକ୍ତ ହିତାଧିକାରୀମାନଙ୍କର ପ୍ରାପ୍ୟ ଟଙ୍କା ମିଳୁନଥିବାରୁ ଯଥାଶିଘ୍ର ସେମାନଙ୍କର ପ୍ରାପ୍ୟ ଟଙ୍କା ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତ ରମଜାନ ଖାନ, କର୍ପୋରେଟର, ୱାର୍ଡ଼ ନଂ-୧୭ :**

- ଆଲୋଚନାରେ ଅଂଶ ଗ୍ରହଣ କରି ନୂତନ ବର୍ଷର ଅଭିନନ୍ଦନ ଜ୍ଞାପନ କରିବା ସହିତ ବାରମ୍ବାର ୫/୧୦ ଗୋଟି ୱାର୍ଡ଼ର କର୍ପୋରେଟରଙ୍କୁ ନେଇ ବୈଠକ କରାଯାଇ ତାହାକୁ କାର୍ଯ୍ୟକାରୀ କରାଗଲେ ବିଭିନ୍ନ ୱାର୍ଡ଼ରେ ଥିବା ଛୋଟ ଛୋଟ ସମସ୍ୟା ଗୁଡ଼ିକ ସମାଧାନ ହୋଇପାରିବ । ଯାହାକି ମାସକୁ ଥରେ ହେଉଥିବା କାଉନସିଲ ବୈଠକରେ ସେ ସମ୍ପର୍କରେ ଆଲୋଚନା କରାନଯାଇ ଅନ୍ୟାନ୍ୟ ଗୁରୁତ୍ୱପୁର୍ଣ୍ଣ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇପାରିବ ବୋଲି ପ୍ରସ୍ତାବ ଦେଇଥିଲେ ।
- ନିଗମ ଅଂଚଳରେ ଜାଇକା, ଅମୃତ ଏବଂ OPTCL ଦ୍ୱାରା ବିଭିନ୍ନ କାର୍ଯ୍ୟ କରାଯାଉଛି । କୌଣସି ବିଭାଗ ସହିତ ତାଳ ମେଳ ନରହିବା ଫଳରେ ରାସ୍ତାଖୋଳି ଚାଲିଯାଉଛନ୍ତି । ସେଥିପାଇଁ ବାରମ୍ବାର ଦାବି ଉପସ୍ଥାପନା କଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ତେଣୁ ଉପରୋକ୍ତ ତିନିଗୋଟି ବିଭାଗ ସହିତ ନିଗମର ଏକ ସ୍ୱତନ୍ତ୍ର ବୈଠକ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ରାସନ କାର୍ଡ଼ ଯୋଜନାରେ ୯୦ ପ୍ରତିଶତ ହିତାଧିକାରୀମାନଙ୍କୁ କାର୍ଡ଼ ପ୍ରଦାନ କରାଯାଇଥିବା ବେଳେ ୧୦ ପ୍ରତିଶତ ହିତାଧିକାରୀ ରାସନ କାର୍ଡ଼ ପାଇଁ ଆବେଦନ କରି ବର୍ଷ ବର୍ଷ ଧରି କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇ ଗାଳି ଗୁଳଜ କରୁଛନ୍ତି ଫଳରେ ଲୋକ ପ୍ରତିନିଧିମାନେ ସେମାନଙ୍କ ଆକ୍ରୋଶର ସିକାର ହେଉଛନ୍ତି । ଲୋକ ପ୍ରତିନିଧି ଆମ୍ଭେମାନେ ହିସାବରେ ୱାର୍ଡ଼ରେ ବିଭିନ୍ନ ସମସ୍ୟାର ସମ୍ମୁଖିନ ହେଉଥିବା ବେଳେ ଅଧିକାରୀମାନେ ଏ ଦିଗରେ ତତ୍‌ପର ପ୍ରକାଶ କରୁନାହାଁନ୍ତି । ଅନ୍ତୋଦୟ ଯୋଜନାରେ ବିଧବା, ଶାରୀରିକ ଅକ୍ଷମ

ମାନଙ୍କୁ ୩୫ କିଗ୍ରା ଚାଉଳ ପ୍ରଦାନ କରାଯାଉଥିଲା ବର୍ତମାନ ଉକ୍ତ ଯୋଜନାକୁ ଯଥାଶିଘ୍ର କାର୍ଯ୍ୟକାରୀ କରାଯିବା ସହ ରାସନ କାର୍ଡ଼ ବାବଦରେ ଯେଉଁ ଯେଉଁ ସମସ୍ୟା ଅଛି ଯଥାଶିଘ୍ର ତାହାକୁ ସମାଧାନ ନିମନ୍ତେ ମାନ୍ୟବର ମେୟର ତଥା ଆୟୁକ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

❖ ଆୱାସ ଯୋଜନାରେ ହିତାଧିକାରମାନଙ୍କ ଘରକୁ ଭାଙ୍ଗି ଦିଆଯାଇଥିବା ବେଳେ, ଗୃହ ନିର୍ମାଣ କରିବା ନିମନ୍ତେ ସେମାନଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ପ୍ରଦାନ କରାଯାଉନଥିବାରୁ, ଯଥାଶିଘ୍ର ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ନିଗମ ଅଂଚଳରେ ମଶା ବଂଶ ବୃଦ୍ଧି ହୋଇଥିବା ବେଳେ କୁକୁର ବନ୍ଧ୍ୟାକରଣ ନକରିବା ଦ୍ୱାରା ଦୈନ ଦିନ ଜନସାଧାରଣ ଦୂର୍ଘଟଣାର ସିକାର ହେଉଛନ୍ତି । ୬୦ ଗୋଟି ଟିଫା ମେସିନରୁ ୩୦ ଗୋଟି ମେସିନ ଅଚଳ ଅବସ୍ଥାରେ ଥିଲେ ମଧ ଅବଶିଷ୍ଟ ମେସିନରେ ମଶା ଧୂଆଁ ସିଂଚନ କରାଯାଉନାହିଁ । ତେଣୁ କୁକୁର ବନ୍ଧ୍ୟାକରଣ କାର୍ଯ୍ୟକ୍ରମ ଯଥାଶିଘ୍ର କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ପ୍ରତ୍ୟେକ ୱାର୍ଡ଼ର ପଙ୍କ ଉଦ୍ଧାର ତଥା ସଫେଇ ପରିମଳ ବ୍ୟବସ୍ଥା ନିମନ୍ତେ ଦୁଇ ମାସ ପାଇଁ କୁଲି ନିଯୋଜନ କରାଯିବାକୁ ପ୍ରସ୍ତାବ ଆଗତ କରାଯାଇଥିଲେ ମଧ ସଠିକ ଭାବେ କୁଲି ୱାର୍ଡ଼କୁ ଆସୁନଥିବାରୁ ଅତିରିକ୍ତ ୨ମାସ ନିମନ୍ତେ କୁଲୀର ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଦେଇଥିଲେ । ସେହିପରି ପଙ୍କ ଉଦ୍ଧାର କାର୍ଯ୍ୟ କରିଥିବା ଠିକାଦାରମାନଙ୍କ ଫାଇଲ ବର୍ଷ ବର୍ଷ ପଡୁଥିବାରୁ, ବର୍ତମାନ ୱାର୍ଡ଼ ମାନଙ୍କରେ ପଙ୍କ ଉଦ୍ଧାର କାର୍ଯ୍ୟ କରିବା ନିମନ୍ତେ ଠିକାଦାର ମାନେ ଅନିଛି ପ୍ରକାଶ କରୁଛନ୍ତି ଯାହା ଫଳରେ ୱାର୍ଡ଼ବାସୀ ନାନା ସମସ୍ୟାର ସମ୍ମୁଖିନ ହେଉଥିବାରୁ ଯଥାଶିଘ୍ର ଏହାର ପ୍ରତିକାର କରିବାକୁ ପ୍ରସ୍ତାବ ଦେଇଥିଲେ ।

❖ ନିଗମର ଦୋକାନ ଗୃହ ଗୁଡ଼ିକ ଯେଉଁ ଯେଉଁ ହିତାଧିକାରିମାନେ ନେଇ ଅନ୍ୟକୁ Sub-leting କରୁଛନ୍ତି ସେମାନଙ୍କ ନାମରେ ସ୍ଥାନୀୟ ଥାନାରେ ଏତଲା ଦେବାକୁ ପ୍ରସ୍ତାବ ଦେଇଥିଲେ ।

❖ ହୋଡ଼ିଂର ୱାର୍ଡ଼ ୱାରୀ ତାଲିକା ସମସ୍ତ କର୍ପୋରେଟରମାନଙ୍କୁ ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ସପ୍ତଧାରା ପାର୍କର ପୁର୍ନରୁଦ୍ଧାର ତଥା ଫାଉଣ୍ଟେନର ମରାମତି କାର୍ଯ୍ୟକୁ ଅମୃତ ଯୋଜନାରେ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ବିଜୁ ପଟ୍ଟନାୟକ ଛକ ଠାରୁ ଟିଭି ରୋଡ଼ ପର୍ଯ୍ୟନ୍ତ ଡ୍ରେନ କାର୍ଯ୍ୟଟି ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡ଼ିରହିଥିବାରୁ , ବର୍ଷାଦିନ ପୁର୍ବରୁ ଉକ୍ତ ଡ୍ରେନ କାର୍ଯ୍ୟକୁ ଶେଷ କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

**ଶ୍ରୀଯୁକ୍ତ ହୃଷିକେଷ ପ୍ରଧାନ, କର୍ପୋରେଟର, ୱାର୍ଡ଼ ନଂ-୫୭ :**

❖ ଆଲୋଚନାରେ ଅଂଶ ଗ୍ରହଣ କରି ନୂତନ ବର୍ଷର ଅଭିନନ୍ଦନ ଜଣାଇବା ସହିତ ଜାଇକା କର୍ତୃପକ୍ଷଙ୍କ ସହ ନିଗମର ଏକ ସ୍ୱତନ୍ତ୍ର ବୈଠକ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ନିଗମରୁ ଯେଉଁ ଯେଉଁ ବ୍ୟବସାୟୀ ପ୍ରତିଷ୍ଠାନ ଗୁଡ଼ିକ ଟ୍ରେଡ଼ ଲାଇସେନ୍ସ ପ୍ରାପ୍ତ କରିଛନ୍ତି ସେମାନଙ୍କୁ ନିଜ ନିଜ ଦୋକାନ ଆଗରେ ଡ଼ଷ୍ଟବିନ ରଖିବାକୁ ବାଧ୍ୟତାମୂଳକ କରିବାକୁ ଟ୍ରେଡ଼ ଲାଇସେନ୍ସ ଦେବା ପୁର୍ବରୁ ନିଗମ ଦ୍ୱାରା ସର୍ତ ରଖିବାକୁ ପ୍ରସ୍ତାବ ଦେଇଥିଲେ ।

❖ ବାଇ-ଲ ସମ୍ପର୍କରେ କ'ଣ କ'ଣ ପଦକ୍ଷେପ ଗ୍ରହଣ କରାଯାଇଛି ଏବଂ ଏହାର ନକଲ ସମସ୍ତ କର୍ପୋରେଟରମାନଙ୍କୁ ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ନିଗମ ଅଂଚଳରେ ପଙ୍କ ଉଦ୍ଧାର କାର୍ଯ୍ୟ ନିମନ୍ତେ ଅତିରିକ୍ତ ୨ ମାସ ନିମନ୍ତେ କୁଲି ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ନିଗମର କର୍ପୋରେଟର ଏବଂ ଗଣ ମାଧ୍ୟମଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତା ନମିତା ମଞ୍ଜରି ସାହୁ, କର୍ପୋରେଟର, ୱାର୍ଡ଼ ନଂ-୩୪ :**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ଉନ୍ନତି ଯୋଜନାରେ ୱାର୍ଡ଼ ୱାରୀ ୫୦ ଲକ୍ଷ ଟଙ୍କା ଦିଆଯାଇଥିବାରୁ ଉନ୍ନୟନ ମୂଳକ କାର୍ଯ୍ୟ ଗୁଡ଼ିକ ଯଥାଶିଘ୍ର କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ଅଳିଆ ଆବର୍ଜନା ପରିବହନ ନିମନ୍ତେ ଟ୍ରଲିର ସମସ୍ୟା ଥିବାରୁ ଯଥାଶିଘ୍ର ୱାର୍ଡ଼କୁ ଟ୍ରଲି ଯୋଗାଇଦେବାକୁ ପ୍ରସ୍ତାବ ଦେଇଥିଲେ ।

❖ ୱାର୍ଡ଼ରେ ୩୦ ଜଣ ସୁଇପରଙ୍କ ମଧ୍ୟରୁ ୮ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୫ଜଣ ଅବସର ନେଇଛନ୍ତି । ୱାର୍ଡ଼ରେ ଡ଼ମ୍ପିଂ ୟାଡ଼ ନଥିବାରୁ ପରିମଳ ବ୍ୟବସ୍ଥାରେ ଉନ୍ନତି ଘଟୁନାହିଁ ଏନେଇ ବାରମ୍ବାର ଦାବି ଉପସ୍ଥାପନ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ, ଯଥାଶିଘ୍ର ଏଥିପ୍ରତି ଧ୍ୟାନ ଦେବାକୁ ପ୍ରସ୍ତାବ ଦେଇଥିଲେ ।

❖ ଜାଇକା ଦ୍ୱାରା ଅଧାପନ୍ତରିଆ କାର୍ଯ୍ୟ ହେବା ଦ୍ୱାରା ରାସ୍ତା ଘାଟ ବିପର୍ଯ୍ୟସ୍ତ ଅବସ୍ଥାରେ ପଡ଼ିରହିଛି, ଏ ନେଇ ଅଭିଯୋଗ କଲେ କୌଣସି ଫଳପ୍ରଦ ହେଉନାହିଁ, ତେଣୁ ଯଥାଶିଘ୍ର ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ପ୍ରସ୍ତାବ ଦେଇଥିଲେ ।

❖ ଇନ୍ଦିରା ଗାନ୍ଧୀ ଜାତୀୟ ପେନସନ ଯୋଜନାରେ ହିତାଧିକାରୀ ମାନେ ଭତା ପାଇଁ ଆବେଦନ କରୁଥିଲେ ମଧ୍ୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ୧ ବର୍ଷ ଧରି ପଡ଼ିରହିଛି । ଭୋଟର ତାଲିକାରେ ସେମାନଙ୍କ ନାମ ନଥିବାରୁ ଭତା ହୋଇପାରୁନାହିଁ ୧ ବର୍ଷ ପରେ ଫର୍ମ ଫେରିବା ଅତ୍ୟନ୍ତ ନିନ୍ଦନୀୟ । ତେଣୁ ଉପ ଜିଲ୍ଲାପାଳଙ୍କ ସହ ଯୋଗାଯୋଗ କରାଯାଇ ଯଥାଶିଘ୍ର ଏ ଦିଗରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ଯେଉଁ ହିତାଧିକାରୀ ମାନେ ବର୍ଷ ବର୍ଷ ଧରି ଭତା ନେଉ ନାହାଁନ୍ତି, ସେମାନଙ୍କ ସ୍ଥାନରେ ଆବେଦନ କରିଥିବା ଅନ୍ୟ ହିତାଧିକାରୀମାନଙ୍କ ନାମରେ ଭତା କାର୍ଡ଼ କରାଯାଇ ଭତା ପ୍ରଦାନର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ୱାର୍ଡ଼ରେ ଲାଇଟର ସମସ୍ୟା ଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ଏବଂ ଝାଡୁ, ଗାଣ୍ଡୁଆ ଏବଂ ଟ୍ରଲିର ସମସ୍ୟା ଥିବାରୁ ଯଥାଶିଘ୍ର ଏଥିପ୍ରତି ଧ୍ୟାନ ଦେବାକୁ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତ ଚିରଂଜୟ ସାହୁ, ଅଧ୍ୟକ୍ଷ, ପବ୍ଲିକ ୱାର୍କସ ଷ୍ଟାଣ୍ଡିଙ୍ଗ କମିଟି :**

❖ ଆଲୋଚନାରେ ଅଂଶ ଗ୍ରହଣ କରି ନୂତନ ବର୍ଷର ଅଭିନନ୍ଦନ ଜଣାଇବା ସହିତ ନିଗମରେ କେତେ ଗୋଟି ଗାଡ଼ି ନିୟୋଜନ କରାଯାଇଛି ତାହାର ତାଲିକା ସମସ୍ତ କର୍ପୋରେଟରମାନଙ୍କୁ ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

- ❖ ନିଗମରେ ଥିବା ଆମ୍ବୁଲାନ୍ସ ଏବଂ ସ୍ୱର୍ଗରଥ ଅବ୍ୟବସ୍ଥା ମଧ୍ୟରେ ଥିବାରୁ ସେଗୁଡ଼ିକର ରକ୍ଷଣାବେକ୍ଷଣ କରାଯିବା ସହିତ ବ୍ୟାଟେରୀ ଚାଳିତ ବ୍ରଶ କଟରକୁ କାର୍ଯ୍ୟକାରୀ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ❖ ୱାର୍ଡ଼ ୱାରୀ ୫୦ ଲକ୍ଷ ଟଙ୍କା ପ୍ୟାକେଜ ମଧ୍ୟରେ ବିଭିନ୍ନ ୱାର୍ଡ଼ର ଉନ୍ନୟନ ମୂଳକ କାର୍ଯ୍ୟ ନିମନ୍ତେ କରାଯାଇଥିବା ଟେଣ୍ଡରରେ ସତ୍ୟପାଠ ବା ଯାହାକିଛି ସମସ୍ୟା ରହିଛି. ଆସନ୍ତା ୭ ଦିନ ମଧ୍ୟରେ ସମାଧାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ❖ ଜାଇକା ଦ୍ୱାରା କରାଯାଇଥିବା କାର୍ଯ୍ୟରେ ସମସ୍ୟା ସୃଷ୍ଟି ହେଉଥିବାରୁ, ଏ ନେଇ ଜାଇକା କର୍ତ୍ତୃପକ୍ଷଙ୍କ ସହ ଏକ ସ୍ୱତନ୍ତ୍ର ବୈଠକ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ❖ ପଙ୍କ ଉଦ୍ଧାର କାର୍ଯ୍ୟ ନିମନ୍ତେ ମିନି ଏକ୍ସାଭେଟର ସଂଗ୍ରହଣ ନିମନ୍ତେ ଟେଣ୍ଡର କରାଯାଇଥିଲା ଯଥାଶିଘ୍ର, ତାହାକୁ ସଂଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ❖ ମାର୍କେଟ ପ୍ଲେସ, ପବ୍ଲିକ ପ୍ଲେସ, ପର୍ଯ୍ୟଟନ ସ୍ଥାନ ଠାରେ ପରିଶ୍ରାଗାର ନିର୍ମାଣ କରାଯିବାକୁ ପ୍ରସ୍ତାବ ଆଗତ କରାଯାଉଥିଲେ ସୁଦ୍ଧା କୌଣସ  କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ, ଯଥାଶିଘ୍ର ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।
- ❖ ଏନ୍‌ବିସି ଦ୍ୱାରା ୩୨ ଗୋଟି ଶୌଚାଳୟ କରାଯିବାକୁ ଚୁକ୍ତିନାମା କରାଯାଇଥିଲେ ସୁଦ୍ଧା ବର୍ତ୍ତମାନ ୮/୧୦ ଗୋଟି ଶୌଚାଳାୟ ନିର୍ମାଣ କରାଯାଇଥିବା ବେଳେ ଅନ୍ୟ ଶୌଚାଳୟ ଗୁଡ଼ିକର କାର୍ଯ୍ୟ କରାଯିବା ସହ  ଉକ୍ତ ସଂସ୍ଥାଏହି କାର୍ଯ୍ୟକୁ  ଅନ୍ୟ ଠିକାଦାରମାନଙ୍କୁ ପ୍ରଦାନ କରୁଥିବାରୁ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରାଯାଉଛି ।  ବାରମ୍ବାର ଏ ଦିଗରେ ବୈଠକ କରାଗଲେ ମଧ କୌଣସି ସମାଧାନ ହେଉନଥିବାରୁ, କମିଶନରଙ୍କ ଦ୍ୱାରା ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ❖ କଟକ ସହର ମଧ୍ୟରେ ଥିବା ପ୍ରମୁଖ  ପ୍ରବେଶ କରିବା ପ୍ରମୁଖ ରିଙ୍ଗରୋଡ଼ର ସଫେଇ କାର୍ଯ୍ୟକୁ ନଗର ସ୍ୱାସ୍ଥ୍ୟ ଅଧିକାରୀଙ୍କ ତତ୍ତ୍ୱାବଧାନରେ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତ ବିଜୟ କୁମାର ସାହୁ,  କର୍ପୋରେଟର, ୱାର୍ଡ଼ ନଂ-୩୧ :**

- ❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ୱାର୍ଡ଼ ୱାରୀ ୫୦ ଲକ୍ଷ ଟଙ୍କା ପ୍ୟାକେଜ ମଧ୍ୟରେ ବିଭିନ୍ନ ୱାର୍ଡ଼ର ଉନ୍ନୟନ ମୂଳକ କାର୍ଯ୍ୟ ନିମନ୍ତେ କରାଯାଇଥିବା ଟେଣ୍ଡରର ସମସ୍ୟାକୁ ୭ ଦିନ ମଧ୍ୟରେ ସମାଧାନ କରାନଗଲେ ମେୟରଙ୍କ କକ୍ଷକୁ ତାଲା ପକାଇବାକୁ କ୍ଷୋଭର ସହ ପ୍ରକାଶ କରିଥିଲେ ।

**ଶ୍ରୀଯୁକ୍ତ ପ୍ରମୋଦ କୁମାର ମହାପାତ୍ର, ଅଧ୍ୟକ୍ଷ, ପ୍ରତିଷ୍ଠାନ  ଷ୍ଟାଣ୍ଡିଙ୍ଗ କମିଟି :**

- ❖ ଆଲୋଚନାରେ ଅଂଶ ଗ୍ରହଣ କରି ନୂତନ ବର୍ଷର ଅଭିନନ୍ଦନ ଜଣାଇବା ସହିତ ଗତବର୍ଷ ୨୦୧୭-୧୮ ବଜେଟରେ ନିଗମର ବିଭିନ୍ନ କାର୍ଯ୍ୟକ୍ରମ ନିମନ୍ତେ ପାଣ୍ଠିର ବ୍ୟବସ୍ଥା କରାଯାଇଥିଲା ।  ଗାନ୍ଧୀସ୍ମୃତି ପୀଠରେ ଗାନ୍ଧୀ ତିରୋଧନ ଦିବସରେ ଯେଉଁ ଭଳି କାର୍ଯ୍ୟକ୍ରମ

କରାଗଲା ତାହା ଅତ୍ୟନ୍ତ ଦୁଃଖ ଦାୟକ । ଏ ନେଇ ଉକ୍ତ ଅଂଚଳବାସୀ ଉକ୍ତ କାର୍ଯ୍ୟକ୍ରମକୁ ବର୍ଜନ କରିଥିଲେ ।

❖ ଜାତୀୟ ରାଜ ମାର୍ଗ କର୍ତ୍ତୃପକ୍ଷଙ୍କ ସହ ବୈଠକ କରାଯିବା ନିମନ୍ତେ ବାରମ୍ବାର ପ୍ରସ୍ତାବ ଆଗତ କରାଯାଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ୱାର୍ଡ଼ରେ ଖରାପ ହୋଇଥିବା ସମସ୍ତ ଲାଇଟ ଗୁଡ଼ିକୁ ମରାମତି କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ସର୍ଭିସ ପ୍ରୋଭାଇଡ଼ର ମାଧ୍ୟମରେ ନିଗମରେ ନିୟୋଜିତ ହୋଇଥିବା ସମସ୍ତ କର୍ମଚାରୀଙ୍କ ତାଲିକା ପ୍ରତିଷ୍ଠାନ ଷ୍ଟାଣ୍ଡିଙ୍ଗ କମିଟିରେ ବାରମ୍ବାର ମଗାଯାଉଥିଲେ ମଧ୍ୟ କାହିଁକି ପ୍ରଦାନ କରାଯାଉନାହିଁ ସେ ସମ୍ବନ୍ଧରେ କମିଶନରଙ୍କ ଠାରୁ ଜାଣିବାକୁ ଚାହିଁଥିଲେ ।

❖ ନିଗମରେ ନିୟୋଜିତ କରାଯାଇଥିବା ଗାଡ଼ିର ଗତ ଅଗଷ୍ଟ, ସେପ୍ଟେମ୍ବର ଏବଂ ଅକ୍ଟୋବର ମାସରେ ତେଲ ଖର୍ଚ୍ଚର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ଜାତୀୟ ରାଜପଥ କଡ଼ରେ ଲଗାଯାଇଥିବା ହୋଡ଼ିଂ ଏବଂ ଟାୱାର ତାଲିକା ପ୍ରଦାନ କରାଯିବା ସହ ଏ ବାବଦରେ ନିଗମ କେତେ ଅର୍ଥ ଆଦାୟ କରିଛି ତାହାର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ପ୍ରତ୍ୟେକ ୱାର୍ଡ଼ ନିମନ୍ତେ ଜଣେ ନୋଡ଼ାଲ ଅଫିସର ନିଯୁକ୍ତି କରାଯାଇ ସମସ୍ତ ସମସ୍ୟାକୁ ସମାଧାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**<u>ଶ୍ରୀଯୁକ୍ତ ସଂଜୟ କୁମାର ବରାଳ, କର୍ପୋରେଟର, ୱାର୍ଡ଼ ନଂ-୫୬ :</u>**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ଗୋପାଳପୁର ୪୨ ଏକର ଖେଳ ପଡ଼ିଆକୁ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମକୁ ପ୍ରଦାନ କରାଯାଇଥିବାରୁ ଏଥିରୁ ୧୦ ଏକର ଷ୍ଟାଡ଼ିୟମ ନିମନ୍ତେ, ୫ ଏକର ମାର୍କେଟ କମ୍ପଲେକ୍ସ ଏବଂ ୧ ଏକର କଲ୍ୟାଣ ମଣ୍ଡପ ମୋଟ ୧୬ ଏକର ଜମି ନିଗମକୁ ପ୍ରଦାନ କରାଯିବା ନିମନ୍ତେ ରାଜ୍ୟ ସରକାରଙ୍କୁ ପତ୍ରାଳାପ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ସୁଭଦ୍ରାପୁରରେ ଥିବା ଶୌଚାଳୟଟି ଭଗ୍ନ ଅବସ୍ଥାରେ ଥିବାରୁ ଯଥାଶିଘ୍ର ତାହାର ନବୀକରଣ କାର୍ଯ୍ୟ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ବିଭିନ୍ନ ସମମୟରେ ଠିକାଦାରମାନଙ୍କ କାର୍ଯ୍ୟ ବାବଦରେ ପ୍ରାପ୍ତ ହେବାକୁ ଥିବା ଅର୍ଥକୁ ସଠିକ ଭାବେ ପ୍ରଦାନ କରାଯାଉନଥିବାଳେ, ଫାଇଲ ପ୍ରଦାନ କରାଯାଇଥିଲେ ମଧ୍ୟ ଠିକାଦାରମାନଙ୍କୁ ବିଲ୍ ପ୍ରଦାନ କରାଯାଉନଥିବାରୁ, ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

**<u>ସୁଶ୍ରୀ ପ୍ରମିଳା ମହାନ୍ତି, କର୍ପୋରେଟର, ୱାର୍ଡ଼ ନଂ-୪୩ :</u>**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ୱାର୍ଡ଼କୁ ୨ ମାସ ପାଇଁ ପ୍ରଦାନ କରାଯାଇଥିବା ୫ ଗୋଟି କୁଲିଙ୍କ ଅବଧିକୁ ଅତିରିକ୍ତ ୨ ମାସ ବୃଦ୍ଧି କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

❖ କିରଣ ଆପାର୍ଟମେଣ୍ଟର ନିର୍ମାଣ କାର୍ଯ୍ୟକୁ କଟକ ମହାନଗର ନିଗମ ଏବଂ ସିଡ଼ିଏର ରିପୋର୍ଟ ପ୍ରଦାନ ତଥା ନିଗମକୁ Development Charge ପ୍ରଦାନ ପରେ ଉକ୍ତ ଆପାର୍ଟମେଣ୍ଟ କାର୍ଯ୍ୟ କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

❖ ଜାଇକା ଦ୍ୱାରା କାର୍ଯ୍ୟ କରାଯାଇ ଡ୍ରେନ ଗୁଡ଼ିକ ଖୋଳାଯାଇ ସଠିକ ଭାବେ ମରାମତି କିମ୍ବା ନିର୍ମାଣ କରୁନଥିବାରୁ, ଯଥାଶିଘ୍ର ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତ ଲଳିତ ଶେଖର ନାୟକ, କର୍ପୋରେଟର, ୱାର୍ଡ଼ ନଂ-୫୭ :**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ଛୋଟ ଛୋଟ ଡ୍ରେନ ସଫାଇ କାର୍ଯ୍ୟ କରାଯିବା ନିମନ୍ତେ ବାରମ୍ବାର ପ୍ରସ୍ତାବ ଦେଲେ ମଧ କାର୍ଯ୍ୟକାରୀ ହେଉନଥିବାରୁ ଯଥାଶିଘ୍ର ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ୱାର୍ଡ଼ରେ ଥିବା ପଦ୍ମପୋଖରୀକୁ ନିଗମ ଦ୍ୱାରା ନିଲାମ କରାଯାଇ ଅର୍ଥ ଆଦାୟ କରାଯାଇଥିବା ବେଳେ ଉକ୍ତ ପୋଖରୀ ନିମନ୍ତେ କୌଣସି ରାସ୍ତା ନଥିବାରୁ, ରାସ୍ତା ନିର୍ମାଣ କରାଯିବା ପାଇଁ ବାରମ୍ବାର ପ୍ରସ୍ତାବ ଦେଲେ ମଧ କୌଣସି କାର୍ଯ୍ୟକାରୀ କରାଯାଉନଥିବା ଦୃଷ୍ଟିରୁ, ଉକ୍ତ ରାସ୍ତାକୁ ୫୦ ଲକ୍ଷ ପ୍ୟାକେଜ ମଧ୍ୟରେ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ଉନ୍ନତି ଯୋଜନାରେ ରାସ୍ତାଘାଟ କରାନଯାଇ କମ୍ୟୁନିଟି ସେଣ୍ଟର ନିର୍ମାଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ମଶା ବଂଶ ବୃଦ୍ଧି ଯୋଗୁଁ ଜନସାଧାରଣ ଅସ୍ତବ୍ୟକ୍ତ ହୋଇପଡ଼ିଥିବା ବେଳେ ନିଗମ ପକ୍ଷରୁ ମଶା ଧୂଆଁ ସ୍ପ୍ରେ କରାଯାଉନଥିବାରୁ, ଯଥାଶିଘ୍ର ୱାର୍ଡ଼ରେ ମଶା ଧୂଆଁ ସିଂଚନ  କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତ ଜ୍ଞାନ ରଂଜନ ସାଇଁ, କର୍ପୋରେଟର, ୱାର୍ଡ଼ ନଂ-୧୦ :**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ୱାର୍ଡ଼ରେ ଥିବା ଡ୍ରେନର ସମସ୍ୟା ସମାଧାନ ନିମନ୍ତେ ବାରମ୍ବାର ତଥ୍ୟ ଉପସ୍ଥାପନ କଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ, ଯଥାଶିଘ୍ର ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମାନ୍ୟବର ମେୟର ତଥା ଆୟୁକ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

❖ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରିମାନଙ୍କ ଫର୍ମ କମ୍ୟୁନିଟି ଅର୍ଗାନାଇଜର ମାନଙ୍କୁ ପ୍ରଦାନ କରାଯାଇଥିଲା ହେଲେ ଯୋଗ୍ୟ ହିତାଧିକାରୀ ଏହି ଯୋଜନାରେ କିଭଳି ବାଦ ପଡ଼ିଲେ ସେ ବିଷୟରେ କମିଶନରଙ୍କ ଠାରୁ ଜାଣିବାକୁ ଚାହିଁଥିଲେ ।

❖ ବିନା ଅନୁମତିରେ ୱାର୍ଡ଼ରେ ଭତା କାର୍ଡ଼ ବଣ୍ଟନ କରାଗଲା, ଜଣେ ଲୋକ ପ୍ରତିନିଧି ହିସାବରେ ମୋତେ କୌଣସି ଖବର ଦିଆଗଲା ନାହିଁ, ଯାହା ନିଗମର ଅଧିକାରୀମାନେ ମନମୁଖି କାର୍ଯ୍ୟ ଚଳାଉଛନ୍ତି ବୋଲି ସ୍ପଷ୍ଟ ହେବା ସହ ଏ ଭଳି କାର୍ଯ୍ୟ ଆଗାମୀ ଦିନରେ ନକରାଯିବାକୁ ମାନ୍ୟବର ମେୟର ତଥା ଆୟୁକ୍ତଙ୍କ ଦୃଷ୍ଟି ଆକର୍ଷଣ କରିବା ସହ Centrally ବଣ୍ଟା ଯାଇଥିବା ଭତା କାର୍ଡ଼ର ତାଲିକା ପ୍ରଦାନ କରିବାକୁ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତା ପ୍ରଳୟା ବେଉରା, କର୍ପୋରେଟର, ୱାର୍ଡ଼ ନଂ-୪୬ :**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ଜାତୀୟ ରାଜପଥ କଡ଼ରେ ଡ୍ରେନ ସମସ୍ୟାକୁ ନେଇ ବିଗତ ୩ବର୍ଷ ହେବ ଜାତୀୟ ରାଜପଥ ମାର୍ଗ ପ୍ରାଧିକରଙ୍କୁ ପତ୍ରାଳାପ କରାଯାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ । ଜାଇକାର ମନମୁଖି କାର୍ଯ୍ୟ ରାସ୍ତାଘାଟର

ଅବସ୍ଥା ବିପର୍ଯ୍ୟନ୍ତ ଅବସ୍ଥାରେ ରହିଛି । ଏକ ଭାଟ ନିର୍ମାଣ ନିମନ୍ତେ ୧ବର୍ଷ ବିତିଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବାରୁ, ଯଥାଶିଘ୍ର ଏ ଦିଗରେ ଗୁରୁତ୍ୱ ପ୍ରଦାନ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ମାନ୍ୟବର ମେୟର ତଥା ଆୟୁକ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

❖ ୱାର୍ଡ଼ରେ ପଙ୍କଉଦ୍ଧାର, ପରିମଳ ତଥା ସଫେଇ କାର୍ଯ୍ୟ ନିମନ୍ତେ ଅତିରିକ୍ତ କୁଲି ଯୋଗାଇବା ପାଇଁ ପରିଷଦ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ କୁଲି ଯୋଗାଇଦିଆଗଲା ନାହିଁ । କୁକୁର ବନ୍ଧ୍ୟାକରଣ ଓ ମଶା ନିରାକରଣ କାର୍ଯ୍ୟକ୍ରମ କରାଯାଉନାହିଁ । ୩୦ଟି ଟିଫା ମେସିନ ଥିବା ବେଳେ ମଶା ନିରାକରଣ ନିମନ୍ତେ ୱାର୍ଡ଼ ୱାରୀ କାହିଁକି ବ୍ୟବହାର କରାଗଲାନାହିଁ, ଯାହାଫଳରେ ମଶାବଂଶ ବୃଦ୍ଧି ଭଳି ପରିସ୍ଥିତି ସୃଷ୍ଟି ହେଲା । ତେଣୁ ଯଥାଶିଘ୍ର ଏ ଦିଗରେ ଗୁରୁତ୍ୱପ୍ରଦାନ କରି କାର୍ଯ୍ୟ କରିବାକୁ ପ୍ରସ୍ତାବ ଦେଇଥିଲେ ।

❖ ପାତ୍ର ଏଜେନ୍ସିର ହୋଡ଼ିଂରେ ଘୋଟାଲା ହୋଇଥିବାରୁ କିଭଳି କ୍ଲିୟରାନ୍ସ ଦିଆଗଲା, ତାହାର ତଦନ୍ତ କରିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

❖ ୱାର୍ଡ଼ରେ ନିର୍ମାଣ କରାଯାଉଥିବା ଶୌଚାଳାୟ କାର୍ଯ୍ୟକୁ ବିନା ଆଲୋଚନାରେ ଅନ୍ୟ ସଂସ୍ଥାକୁ କିଭଳି ଭାବେ ପ୍ରଦାନ କରାଗଲା ସେ ସମ୍ପର୍କରେ କମିଶନରଙ୍କ ଠାରୁ ଜାଣିବାକୁ ଚାହିଁଥିଲେ ।

**<u>ଶ୍ରୀଯୁକ୍ତ ଜୟଦେବ ଜେନା, କର୍ପୋରେଟର, ୱାର୍ଡ଼ ନଂ-୪୦ :</u>**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ନିଗମରେ ୨୦ ବର୍ଷରୁ ଉର୍ଦ୍ଧ ଧରି କାର୍ଯ୍ୟ କରିଆସୁଥିବା ଏନ୍‌ଏମ୍‌ଆର / ଡ଼ିଏଲ୍‌ଆର ଅସ୍ଥାୟୀ କର୍ମଚାରୀମାନଙ୍କୁ ମାସିକ ଅତିରିକ୍ତ ଟ. ୧୦୦୦/-(ଏକ ହଜାର ଟଙ୍କା) ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ପ୍ଲାଷ୍ଟିକ ସ୍କାର୍ଡ଼ ଫର୍ମେସନ ସମ୍ପର୍କରେ କେଉଁ ବିଷୟରେ ଆଲୋଚନା କରାଯିବ ଏବଂ ଏ ସମ୍ବନ୍ଧରେ ପୂର୍ବରୁ କୌଣସି ଆଲୋଚନା କରାଯାଇନଥିବାରୁ, ଏ ସମ୍ପର୍କରେ ତଥ୍ୟ ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ଅନ୍ତୋଦୟ ଯୋଜନାର Guideline କର୍ପୋରେଟରମାନଙ୍କୁ ଜଣାଗଲାନାହିଁ କିମ୍ବା ତାହାର ଏକ ନକଲ ସମସ୍ତ କର୍ପୋରେଟରମାନଙ୍କୁ ପ୍ରଦାନ କରାଗଲା ନାହିଁ । ଗତ ଜୁଲାଇ ମାସ ଠାରୁ ୱାର୍ଡ଼ ଓାରୀ ୫୦ ଲକ୍ଷ ପ୍ୟାକେଜ ଘୋଷଣା କରାଯାଇଥିଲେ ମଧ୍ୟ ଦୀର୍ଘ ୭ ମାସ ବିତାଯାଇଥିଲେ ସୁଦ୍ଧା କୌଣସି କାର୍ଯ୍ୟକାରୀ ହୋଇନଥିବାରୁ, ଏହି କାର୍ଯ୍ୟକୁ ୩ ମାସ ମଧ୍ୟରେ ଶେଷ କରାଯିବା ସହିତ ଯେ କୌଣସି ଫାଇଲରେ ସମସ୍ୟା ରହିଛି ତାହାକୁ ୭ ଦିନ ମଧ୍ୟରେ ସମାଧାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ରେସନ କାର୍ଡ଼ ଯୋଜନାରେ ବହୁ ଯୋଗ୍ୟ ହିତାଧିକାରୀ କାର୍ଡ଼ ପାଇନଥିବାରୁ ଯଥାଶିଘ୍ର ସେମାନଙ୍କୁ ପ୍ରଦାନ କରାଯିବା ସହିତ ଯେଉଁ ହିତାଧିକାରୀମାନେ ସବୁଜ କାର୍ଡ଼ ପାଇନାହାଁନ୍ତି ସେମାନଙ୍କୁ ମଧ୍ୟ କାର୍ଡ଼ ପ୍ରଦାନର ବ୍ୟବସ୍ଥା କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

**ଶ୍ରୀଯୁକ୍ତା ଅଞ୍ଜୁଶ୍ରୀ ଜେନା, କର୍ପୋରେଟର, ୱାର୍ଡ ନଂ-୧୪ :**

- ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ଡ୍ରେନରୁ ପଙ୍କ ଉଦ୍ଧାର କାର୍ଯ୍ୟ କରାଯାଉନାହିଁ, ବର୍ଷାଦିନ ଭଳି ରାସ୍ତାରେ ପାଣି ଜମି ରହୁଛି । ଭକ୍ତମଧୁ ବିଦ୍ୟାପୀଠ ନିକଟରେ ଥିବା ଡ୍ରେନର ପଙ୍କଉଦ୍ଧାର କାର୍ଯ୍ୟ କରାଗଲେ ଏହାର ସମାଧାନ ହୋଇପାରିବ । ବାରମ୍ବାର ଏ ଦିଗରେ ଦାବି ଉପସ୍ଥାପନା କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ, ଏହାକୁ ଡ୍ରେନେଜ ଡ଼ିଭିଜନକୁ ପ୍ରଦାନ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ
- କର୍ପୋରେଟର ମାନଙ୍କର ୱାର୍ଡ଼ରେ ଥିବା ବିଭିନ୍ନ ସମସ୍ୟାକୁ ସମାଧାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତା ଅନିତା ନାୟକ, କର୍ପୋରେଟର, ୱାର୍ଡ଼ ନଂ. – ୨୨ :**

- ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ୱାର୍ଡ଼ର ଅନେକ ଛକରେ ଲାଇଟ ଖରାପ ଥିବାରୁ ଅନ୍ଧାର ମଧ୍ୟରେ ରହୁଛି । ଏ ବାବଦରେ ବାରମ୍ବାର ପ୍ରସ୍ତାବ ଦେଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ, ତେଣୁ ୱାର୍ଡ଼କୁ ୧୦ ଗୋଟି ଏଲ୍‌ଇଡ଼ି ଲାଇଟ ଯୋଗାଇଦେବାକୁ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତା ଏ. ଶ୍ରୀଦେବୀ, ଅଧ୍ୟକ୍ଷା, ଏଜୁକେସନ ରିକ୍ରେସନ ଆଣ୍ଡ କଲଚରାଲ ଷ୍ଟାଣ୍ଡିଙ୍ଗ କମିଟି :**

- ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ପ୍ଲାଷ୍ଟିକ ଷ୍ଟାର୍ଡ଼ ଫର୍ମେସନ ନିମନ୍ତେ ଯାହା ଯାହ ନୀୟମ ରହିଛି ତାହାକୁ କଡ଼ାକଡ଼ି ଭାବେ ପାଳନ କରାଯାଇ ନିଗମରେ ଲାଗୁ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ବିଜୁ ଯୁବ ଆହ୍ୱାନରେ କମିଶନର ଅଧ୍ୟକ୍ଷ ଥିବା ବେଳେ ବିଭିନ୍ନ କଳାକୃତି ନିମନ୍ତେ ମୋ ହିରୋ ଚୟନ କରାଯିବା, କ୍ରୀଡ଼ା, ବିଜ୍ଞାନ, କଳା ଆଦିରେ ସମ୍ପୃକ୍ତ ଥିବା ଯୁବକମାନଙ୍କୁ ଏଥିରେ ସାମିଲ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ବିଭିନ୍ନ ୱାର୍ଡ଼ରେ ଅମୃତ ଯୋଜନା ମାଧ୍ୟମରେ ପୁର୍ନରୁଦ୍ଧାର ତଥା ନବୀକରଣ କରାଯାଉଥିବା ପାର୍କ ଗୁଡ଼ିକର ଷ୍ଟାଟସ ଉକ୍ତ ୱାର୍ଡ଼ କର୍ପୋରେଟରଙ୍କୁ ଅବଗତ କରାଇବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।
- ପାର୍କ ଆଣ୍ଡ ପ୍ଲାଣ୍ଟେସନ ବିଭାଗରେ ସର୍ଭିସ ପ୍ରୋଭାଇଡ଼ର ମାନଙ୍କ ମାଧ୍ୟମରେ ନିଯୋଜନ କରାଯାଇଥିବା କୁଲି ଓ ମାଳି ମାନେ ସଠିକ ଭାବେ କାର୍ଯ୍ୟ କରୁଛନ୍ତି, ଏଥିରେ କୌଣସି ଅନୀୟମିତତା କରାଯାଉନାହିଁ ବୋଲି ମତ ପ୍ରକାଶ କରିବା ସହ ଉକ୍ତ ବିଭାଗ ନିମନ୍ତେ ଆବଶ୍ୟକ ଥିବା ଅତିରିକ୍ତ କୁଲୀ ଓ ମାଳି ମାନଙ୍କୁ ନିଯୋଜନ କରାଯାଇ ପାର୍କ କାର୍ଯ୍ୟ ଗୁଡ଼ିକ ସୁଚାର ରୂପେ କାର୍ଯ୍ୟ କରାଇବା ପାଇଁ ପ୍ରସ୍ତାବ ଦେଇଥିଲେ ।

**ସୁଶ୍ରୀ ଚାରୁଲତା ସାହୁ, କର୍ପୋରେଟର, ୱାର୍ଡ଼ ନଂ-୧୯ :**

- ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ରେସନ କାର୍ଡ଼ ଯୋଜନାରେ ବହୁ ଯୋଗ୍ୟ ହିତାଧିକାରୀ କାର୍ଡ଼ ପାଇନଥିବାରୁ ଯଥାଶିଘ ସମସ୍ୟାର ସମାଧାନ କରାଯିବା ସହିତ ଯୋଗ୍ୟ ହିତାଧିକାରୀମାନଙ୍କୁ ଚୟନ କରାଯାଇ ରାସନ କାର୍ଡ଼ ପ୍ରଦାନର ବ୍ୟବସ୍ଥା କରାଯିବା ସହିତ

ଅନ୍ତୋଦୟ କାର୍ଡ଼ରେ ଥିବା ସମସ୍ୟାକୁ ଯଥାଶିଘ୍ର ସମାଧାନ କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ଶ୍ରୀଯୁକ୍ତ ବିକାଶ ଚନ୍ଦ୍ର ମହାପାତ୍ର, ଆୟୁକ୍ତ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ ସହରରେ Preliminary Survey ଅନୁଯାୟୀ ୧୭ ହଜାର ଲାଇଟ ଲଗାଯିବାକୁ ଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ସିଡ଼ିଏଠାରେ ଏଲ୍ଇଡ଼ି କାର୍ଯ୍ୟକ୍ରମ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଛି । ସରକାର ପ୍ରଥମ ଏଲ୍ଇଡ଼ି କାର୍ଯ୍ୟକ୍ରମ ନିମନ୍ତେ ୬ଟି ଟିମ୍ ଦେଇଥିଲେ ପରେ ୩ଟି ଗୋଟି ଟିମ ଦେଇପାରିନଥିବାରୁ ନିଗମ ପକ୍ଷରୁ ୩ ଗୋଟି ଟିମର ବ୍ୟବସ୍ଥା କରାଯାଇ ୨୭୦ ଟି ଲାଇଟ୍‌କୁ Replacement କରିବାଗୁ ଧାର୍ଯ୍ୟ କରାଯାଇଥିଲା କିନ୍ତୁ ୯୦ରୁ ଉର୍ଦ୍ଧ ଲାଇଟ ଲଗାଯାଇପାରିଲା ନାହିଁ । ଯେହେତୁ ଏଲ୍‌ଡ଼ି ଲାଇଟ Modern Techonology ମାଧମରେ Jio Tagging ଦ୍ୱାରା ଲଗାଯାଉଛି ଏବଂ ତାହାକୁ Computer Monitoring ରେ କରାଯିବ । ଯେକୌଣସି ଅଂଚଳରେ ଏଲଇଡ଼ି ଲାଇଟ ଖରାପ ହେବ ତାହା କମ୍ପୁଟର ଦ୍ୱାରା ଜଣାପଡ଼ିବ । ରାଜ୍ୟ ସରକାର ଗ୍ୟାରେଣ୍ଟି ଅବଧି ୭ବର୍ଷ ରହୁଥିବା ବେଳେ ଏହି ଲାଇଟକୁ ୧୦ଟି ଟିମ ମାଧମରେ ଲଗାଯିବ ବୋଲି ମତବ୍ୟକ୍ତ କରିଥିଲେ । ସେହିପରି ଯେଉଁ ୱାର୍ଡ଼ ମାନଙ୍କରେ ଲାଇଟ ର ଅତ୍ୟନ୍ତ ଆବଶ୍ୟକ ଏଲ୍ଇଡ଼ି ନିମନ୍ତେ ଯେଉଁ ଲାଇଟ ଗୁଡ଼ିକ ବଦଳାଯାଇଅଛି ସେହି ଲାଇଟ ଗୁଡ଼ିକୁ Priority Basisରେ ପ୍ରତ୍ୟେକ ୱାର୍ଡ଼କୁ ୧୦ ଗୋଟି ଲେଖାଏଁ ଲାଇଟ ପ୍ରଦାନ ନିମନ୍ତେ ନିଗମର ବୈଦ୍ୟୁତିକ ବିଭାଗର କନିଷ୍ଠ ଯନ୍ତ୍ରୀ ଓ ସରକାରୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେବା ସହ ସମ୍ପୃକ୍ତ ୱାର୍ଡ଼ର କର୍ପୋରେଟରଙ୍କ ତତ୍ତ୍ୱାବଧାନରେ କରାଯିବାକୁ ପରାମର୍ଶ ଦେଇଥିଲେ । ସହରରେ ବିପର୍ଯ୍ୟସ୍ତ ରାସ୍ତାଘାଟ ଅବସ୍ଥାକୁ ଦୃଷ୍ଟିରେ ରଖାଯାଇ ଜାଇକା, ସେସୁ, ଟଂଚଞଉଖ, ଏବଂ ସ୍ୱରେଜ ବିଭାଗ ସହିତ ସମନ୍ୱୟ ବୈଠକ ଜିଲ୍ଲାପାଳ ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅଧିକାରୀଙ୍କ ତତ୍ତ୍ୱାବଧାନରେ କରାଯିବାକୁ ଆଲୋକପାତ କରିଥିଲେ । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନୂତନ ଫର୍ମ ଆବେଦନ ଅନୁଯାୟୀ ସହରାଂଚଳର ଉଚଜ ପ୍ରସ୍ତୁତ କରାଯାଇ ଅନୁମୋଦନ ନିମନ୍ତେ ରାଜ୍ୟ ସରକାରଙ୍କ ନିକଟକୁ ପଠାଯିବାକୁ ମତବ୍ୟକ୍ତ କରିଥିଲେ । ୱାର୍ଡ଼ ୱାରୀ ୫୦ ଲକ୍ଷ ଟଙ୍କା ପ୍ୟାକେଜ ମଧ୍ୟରେ ବିଭିନ୍ନ ୱାର୍ଡ଼ରେ କରାଯିବାକୁ ଥିବା ଉନ୍ନୟନ ମୂଳକ କାର୍ଯ୍ୟର ଟେଣ୍ଡରରେ ଯେଉଁ ଯେଉଁ ସମସ୍ୟା ରହିଅଛି, ଏହାକୁ ଅନୁଧ୍ୟାନ କରାଯାଇ ୭ ଦିନ ମଧ୍ୟରେ Retender କରାଯିବାକୁ ଯନ୍ତ୍ରୀ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ନିଗମରେ Plastic Formation Squad ଗଠନ କରାଯିବାକୁ

ସମସ୍ତ ସଦସ୍ୟା/ସଦସ୍ୟଙ୍କ ସହଯୋଗ କାମନା କରିଥିଲେ । ଅନ୍ତୋଦୟ ଯୋଜନାରେ ୩ ହଜାର ହିତାଧିକାରୀ କାର୍ଡ଼ ନିମନ୍ତେ ଆବେଦନ କରିଥିବାରୁ, ସମସ୍ତ ୱାର୍ଡ଼କୁ ସମାନ ଭାବେ ପ୍ରଦାନ କରାଯିବା ସହ ନିଗମରେ ନୂତନ ଭାବେ ଆବେଦନ କରିଥିବା ୬୭୦୦ ରେସନ କାର୍ଡ଼ର ମଂଜୁର କରାଯିବା ନିମନ୍ତେ ଜିଲ୍ଲାପାଳଙ୍କୁ ପତ୍ରାଳାପ କରାଯାଇଥିବା ମତବ୍ୟକ୍ତ କରିଥିଲେ । ଭତା ନିମନ୍ତେ ଯେଉଁ ଯେଉଁ ସମସ୍ୟା ରହିଛି ଯଥାଶିଘ୍ର ତାହାର ସମାଧାନ କରାଯିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ନିଗମ ଅଂଚଳରେ ଯେଉଁମାନେ ଗୃହ ଟିକସ ଦେଉନାହାଁନ୍ତି ଯଥାଶିଘ୍ର ସେମାନଙ୍କ ଠାରୁ ଟିକସ ଆଦାୟ କରାଯିବା ସହ ପ୍ରତ୍ୟେକ ୱାର୍ଡ଼ରେ ଦୁଇଓଳି ସଫେଇ କାର୍ଯ୍ୟ କରାଯିବାକୁ ନିଗମର ସ୍ୱାସ୍ଥ୍ୟ ଅଧିକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

**ପ୍ରସ୍ତାବ ନଂ-୧.** ଗତ ତା. ୨୭-୧୧-୨୦୧୭ରିଖ ୩୧ତମ ସାଧାରଣ ବୈଠକର ବିବରଣୀ ଦୃଢ଼ୀକରଣ ।

**ନିର୍ଦ୍ଧାରଣ-୧ :** ଗତ ତା. ୨୭-୧୧-୨୦୧୭ରିଖ ୩୧ତମ ସାଧାରଣ ଅଧିବେଶନର ବିବରଣୀ ସର୍ବସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ପ୍ରସ୍ତାବ ନଂ-୨. :** ଗତ ତା. ୧୫-୧୨-୨୦୧୭ରିଖ ନିଗମର ସ୍ୱତନ୍ତ୍ର ଅଧିବେଶନର ବିବରଣୀ ଦୃଢ଼ୀକରଣ ।

**ନିର୍ଦ୍ଧାରଣ-୨ :** ଗତ ତା. ୧୫-୧୨-୨୦୧୭ରିଖ ନିଗମର ସ୍ୱତନ୍ତ୍ର ଅଧିବେଶନର ବିବରଣୀ ସର୍ବସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ପ୍ରସ୍ତାବ ନଂ-୩.** ନିମ୍ନଲିଖିତ ଷ୍ଟାଣ୍ଡିଙ୍ଗ କମିଟି ଗୁଡ଼ିକର ବିବରଣୀ ପଠନ ଓ ଦୃଢ଼ୀକରଣ ।

**ନିର୍ଦ୍ଧାରଣ ନଂ-୩.୧** ଗତ ୧୮.୧୧.୨୦୧୭ରିଖ ପବ୍ଲିକ ୱାର୍କସ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୨** ଗତ ୧୪.୧୨.୨୦୧୭ରିଖ ଗ୍ରୀଭାନ୍ସ ଆଣ୍ଡ ସୋସିଆଲ ଜଷ୍ଟିସ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୩** ଗତ ୧୮.୧୨.୨୦୧୭ରିଖ ଏଜୁକେଶନ, ରିକ୍ରେସନ ଆଣ୍ଡ କଲଚରାଲ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୪** ଗତ ୨୨.୧୨.୨୦୧୭ରିଖ ପ୍ଲାନିଙ୍ଗ ଆଣ୍ଡ ଡ଼େଭଲପମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୫** ଗତ ୨୨.୧୨.୨୦୧୭ରିଖ କର୍ପୋରେସନ ଏଷ୍ଟାବ୍ଲିସମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୨.୬** ଗତ ୨୩.୧୨.୨୦୧୭ରିଖି ପବ୍ଲିକ ହେଲଥ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୭** ଗତ ୦୬.୦୧.୨୦୧୮ରିଖି ଲାଇସେନ୍ସ ଆଣ୍ଡ ଅପିଲ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୮** ଗତ ୧୦.୦୧.୨୦୧୮ରିଖି କଣ୍ଟ୍ରାକ୍ଟ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୯** ଗତ ୧୧.୦୧.୨୦୧୮ ରିଖି ପବ୍ଲିକ ୱାର୍କସ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୧୦** ଗତ ୧୯.୦୧.୨୦୧୮ ରିଖି ଗ୍ରୀଭାନ୍ସ ଆଣ୍ଡ ସୋସିଆଲ ଜଷ୍ଟିସ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୧୧** ଗତ ୨୦.୦୧.୨୦୧୮ ରିଖି ଏଜୁକେଶନ, ରିକ୍ରେସନ ଆଣ୍ଡ କଲଚରାଲ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୧୨** ଗତ ୨୪.୦୧.୨୦୧୮ ରିଖି ପ୍ଲାନିଙ୍ଗ ଆଣ୍ଡ ଡ଼େଭଲପମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୧୩** ଗତ ୨୫.୦୧.୨୦୧୮ ରିଖି ଟ୍ୟାକ୍ସେସେନ ଫାଇନାନ୍ସ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୪.** ନିଗମର ବିଭିନ୍ନ ବିଭାଗ ଦ୍ୱାରା ଆଗତ କରାଯାଇଥିବା ପ୍ରସ୍ତାବ, ଷ୍ଟାଣ୍ଡିଙ୍ଗ କମିଟି ମାଧ୍ୟମରେ କରାଯାଇଥିବା ସୁପାରିଶ, କର୍ପୋରେଟର ମାନଙ୍କ ସହ କରାଯାଇଥିବା ଆଲୋଚନା ଏବଂ ନିର୍ଦ୍ଦିଷ୍ଟ ଭାବେ ଆଗତ କରାଯାଇଥିବା ପ୍ରସ୍ତାବ ଗୁଡ଼ିକ ଅନୁମୋଦନ ସହିତ ନିମ୍ନଲିଖିତ ପ୍ରସ୍ତାବ ଗୁଡ଼ିକ ବିସ୍ତୃତ ଆଲୋଚନା କରାଯାଇ ଅନୁମୋଦନ କରାଗଲା ।

୧. ବାରବାଟୀ ଷ୍ଟାଡ଼ିୟମ ପଛପଟ ଠାରୁ ଭାୟା ଡ଼ାଇରେକ୍ଟର ଅଫ ଇଣ୍ଡଷ୍ଟ୍ରିସ୍ ଏବଂ ଚକ୍ଷୁ ଚିକିତ୍ସାଳୟ, ଖଲାସୀଲେନ ରାସ୍ତାକୁ ୨ ବର୍ଷ ପୁର୍ବରୁ R & B Division, Cuttackଙ୍କୁ ହସ୍ତାନ୍ତର କରାଯାଇଥିବାରୁ ଉକ୍ତ ରାସ୍ତା କାର୍ଯ୍ୟକୁ ସିମେଣ୍ଟ କଂକ୍ରିଟ ଦ୍ୱାରା R & B Division ଦ୍ୱାରା କରାଯାଇଛି । ଯେହେତୁ ଉକ୍ତ ରାସ୍ତାକୁ ଲାଗିଥିବା ଡ୍ରେନ R & B, Division ଅଧିନରେ ହୋଇଥିବାରୁ, ଏହି ଡ୍ରେନ (BSWC) କାର୍ଯ୍ୟକୁ R & B Division ଦ୍ୱାରା କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା ।

୨. କଟକ ମହାନଗର ନିଗମର ୫୯ ଗୋଟି ୱାର୍ଡ଼ ଗୁଡ଼ିକର ଉନ୍ନତିକରଣ ନିମନ୍ତେ ୱାର୍ଡ଼ ୱାରୀ ୫୦ ଲକ୍ଷ ଟଙ୍କା ଅନୁଦାନରେ କାର୍ଯ୍ୟ କରାଯିବା ପାଇଁ ହୋଇଥିବା ଟେଣ୍ଡର ପେପରରେ ଅନିଚ୍ଛାକୃତ ତ୍ରୁଟି ଦୃଷ୍ଟି ଗୋଚର ହେବାରୁ ଗତ ତା. ୧୦.୦୧.୨୦୧୮ରିଖି କଣ୍ଟ୍ରାକ୍ଟ ଷ୍ଟାଣ୍ଡିଙ୍ଗ କମିଟି ବୈଠକରେ ଅନୁମୋଦନ ହୋଇପାରିନଥିବାରୁ, ଉକ୍ତ ତ୍ରୁଟୀକୁ ନଗର ଯନ୍ତ୍ରୀଙ୍କ ତତ୍ୱାବଧାନରେ ୭ ଦିନ ମଧ୍ୟରେ ସଂଶୋଧନ କରାଯାଇ କାର୍ଯ୍ୟକାରୀ କରାଯିବା ନିମନ୍ତେ ନିଷ୍ପତି ଗ୍ରହଣ କରାଗଲା ।

୩. ବିଜୁ ପଟ୍ଟନାୟକ ଛକ ଠାରୁ ଦେଉଳସାହି ଏବଂ ଦେଉଳସାହି ଠାରୁ ଜିମ୍ନାସିୟମ ଛକ ଓ ଓ୍ୟାରେଲେସ ଛକ ଠାରୁ ବାଉରୀସାହି ଛକ ପର୍ଯ୍ୟନ୍ତ ୩ ଗୋଟି ମୁଖ୍ୟ ରାସ୍ତାକୁ **R & B Department** କୁ ହସ୍ତାନ୍ତର କରାଯିବା ନିମନ୍ତେ ପତ୍ରାଳାପ କରାଯିବାକୁ ସ୍ଥିର କରାଗଲା ।

୪. ନିଗମରେ ପ୍ଲାଷ୍ଟିକ ସ୍କ୍ୱାର୍ଡ଼ ଗଠନ କରାଯିବାକୁ ସ୍ଥିର କରାଗଲା । ଏହି ସ୍କ୍ୱାର୍ଡ଼ ଦ୍ୱାରା ସହରରେ ପଲିଥିନ ନିଷିଦ୍ଧ ତଥା ବ୍ୟବହାର ବନ୍ଦ କରାଯିବା ସହିତ ପଲିଥିନ ମୁକ୍ତ ସହର କରାଯିବାକୁ ସ୍ଥିର କରାଗଲା ।

୫. ଏଲଇଡ଼ି ନିମନ୍ତେ ବଦଳ କରାଯାଇଥିବା ସିଏଫଏଲ୍ ଲାଇଟ ଗୁଡ଼ିକୁ, ଏଲଇଡ଼ି କାର୍ଯ୍ୟକ୍ରମ ହେବା ପର୍ଯ୍ୟନ୍ତ ଉକ୍ତ ସିଏଫଏଲ ଲାଇଟ ଗୁଡ଼ିକୁ ବର୍ତମାନ ଅନ୍ଧକାର ଅବସ୍ଥାରେ ଥିବା ୱାର୍ଡ଼ ମାନଙ୍କରେ ଉକ୍ତ ଲାଇଟ ଗୁଡ଼ିକୁ ଅସ୍ଥାୟୀ ଭାବେ ଲଗାଯିବାର ବ୍ୟବସ୍ଥା କରାଯିବାକୁ ସ୍ଥିର କରାଗଲା ।

୬. ୱାର୍ଡ଼ ୱାରୀ ୫୦ ଲକ୍ଷ ଟଙ୍କା ପ୍ୟାକେଜ ମଧ୍ୟରେ ଉନ୍ନୟନ ମୂଳକ କାର୍ଯ୍ୟ ନିମନ୍ତେ ଟେଣ୍ଡର କରାଯାଇଥିବା ବେଳେ, ଯେଉଁ ଯେଉଁ ଟେଣ୍ଡରରେ ସମସ୍ୟା ରହିଛି ତାହାକୁ ୭ ଦିନ ମଦ୍ଧ୍ୟ ପୁନଃ ଟେଣ୍ଡର କରାଯିବାକୁ ସ୍ଥିର କରାଗଲା ।

୭. ନିଗମ ଅଂଚଳରେ ଉନ୍ନତିମୂଳକ କାର୍ଯ୍ୟ କରୁଥିବା ଏ ବାବଦରେ ଯେଉଁ ଯେଉଁ ସମସ୍ୟା ଉତ୍ପନ୍ନ ହେଉଛି ତାହାର ସମାଧାନ ନିମନ୍ତେ ଅମୃତ, ଜାଇକା, ସେସୁ, ଓପିଟିସିଏଲ କର୍ତୃପକ୍ଷଙ୍କ ସହିତ ଏକ ସମନ୍ୱୟ ବୈଠକ କରାଯିବାକୁ ସ୍ଥିର କରାଗଲା ।

୮. ଅନ୍ତୋଦୟ ଯୋଜନାରେ ନିଗମକୁ ୩ ହଜାର କାର୍ଡ଼ ଆସିଥିବାରୁ, ସମାନ ଭାବେ ୫୯ ଗୋଟି ୱାର୍ଡ଼ର ଯୋଗ୍ୟ ହିତାଧିକାରୀ ମାନଙ୍କୁ ସାମିଲ କରାଯିବାକୁ ସ୍ଥିର କରାଗଲା ଏବଂ ଖାଦ୍ୟ ସୁରକ୍ଷା ଆଇନ ଅନୁଯାୟୀ ନିଗମରେ ଆବେଦନ କରିଥିବା ୬୦୦୦ ଯୋଗ୍ୟ ହିତାଧିକାରମାନଙ୍କୁ ରାସନ କାର୍ଡ଼ ଯୋଗାଇ ଦେବା ନିମନ୍ତେ ଜିଲ୍ଲାପାଳଙ୍କୁ ଅନୁରୋଧ ପତ୍ର ପଠାଯିବା ନିମନ୍ତେ ସ୍ଥିର କରାଗଲା ।

ସର୍ବଶେଷରେ ଉପସ୍ଥିତ ସଦସ୍ୟ / ସଦସ୍ୟାମାନେ ବୈଠକର ଉପର ବର୍ଣ୍ଣିତ ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ମାନ୍ୟବର ଡେପୁଟି ମେୟର ଶ୍ରୀଯୁକ୍ତ ଅଜୟ କୁମାର ବାରିକ ଧନ୍ୟବାଦ ଜ୍ଞାପନ କରିବା ପରେ ସଭା ସାଙ୍ଗ କରାଯାଇଥିଲା ।

**(ମୀନାକ୍ଷୀ ବେହେରା)**
**ମେୟର**
**କଟକ ମହାନଗର ନିଗମ**

ଜ୍ଞାପକ ସଂ .............. ତା ..................

ଏହାର ଏକ କିତା ନକଲ ନିର୍ଦ୍ଦେଶକ, ପୌର ପ୍ରଶାସନ ଏବଂ ପଦ ପ୍ରଯୁକ୍ତ ଅତିରିକ୍ତ ଶାସନ ସଚିବ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର / ସଚୀବ, ରାଜସ୍ୱ କମିଶନର (କେନ୍ଦ୍ରାଂଚଳ), କଟକ / ଜିଲ୍ଲାପାଳ, କଟକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପ ଆୟୁକ୍ତ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ .............. ତା ..................

ଏହାର ଏକ କିତା ନକଲ କଟକ ମହାନଗର ନିଗମର ସମସ୍ତ କର୍ପୋରେଟର ମାନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପ ଆୟୁକ୍ତ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ .............. ତା ..................

ଏହାର ଏକ କିତା ନକଲ କମିଶନର / ଅତିରିକ୍ତ କମିଶନର-୧ / ଅତିରିକ୍ତ କମିଶନର-୨ / ଡେ଼ପୁଟି କମିଶନର-୧,୨ / ଡେ଼ପୁଟି କମିଶନର-୩ ଓ ୪ / ନଗର ଯନ୍ତ୍ରୀ / ନିର୍ବାହୀ ଯନ୍ତ୍ରୀ (୧ ଓ ୨) / ବିତ ଅଧିକାରୀ / ସଚିବ / ରିକଭରୀ ଅଫିସର / ନଗର ସ୍ୱାସ୍ଥ୍ୟ ଅଧିକାରୀ / ଉପ ନିର୍ବାହୀ ଯନ୍ତ୍ରୀ ସମସ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ /ସମସ୍ତ ସହକାରୀ ଯନ୍ତ୍ରୀ / ସମସ୍ତ କନିଷ୍ଠ ଯନ୍ତ୍ରୀଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଉପ ଆୟୁକ୍ତ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ .............. ତା ..................

ଏହାର ଏକ କିତା ନକଲ ଡେ଼ପୁଟି ମେୟର / ମେୟରଙ୍କ ସହାୟକ ଏବଂ ନିଗମର ସମସ୍ତ ବିଭାଗୀୟ ମୁଖ୍ୟ ସହାୟକଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଉପ ଆୟୁକ୍ତ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ .............. ତା ..................

ଏହାର ଏକ କିତା ନକଲ ନିଗମର ୱେବ ସାଇଟରେ ଛଡ଼ାଯିବାକୁ. ଏମ୍ ଆଇଏସ୍ ସେଲ କୁ ପ୍ରଦାନ କରାଗଲା ।

ଉପ ଆୟୁକ୍ତ
କଟକ ମହାନଗର ନିଗମ, କଟକ